୨୬ତମ ପ୍ରତିଷ୍ଠା ଦିବସ ସମାରୋହ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK | ପର୍ଯ୍ୟବେକ୍ଷକ

Vol.26 . No.213 Bhubaneswar Tuesday October 01 2024 | ୨୬ତମ ବର୍ଷ ସଂଖ୍ୟା–୨୧୩ ଭୁବନେଶ୍ୱର, ମଙ୍ଗଳବାର, ଅକ୍ଟୋବର ୦୧, ୨୦୨୪ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS

## ଜମି ଦୁର୍ନୀତି ମାମଲା: କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀଙ୍କ ନାଁରେ ମାମଲା ରୁଜୁ କଲା ଇଡି



ଭୁବନେଶ୍ୱର,୩୦।୯(ପି.ଏନ): କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟାଙ୍କ ବିରୁଦ୍ଧରେ ମାମଲା ରୁଜୁ କରିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)। ଜମି ଦୁର୍ନୀତି ମାମଲାରେ ଅର୍ଥ ହେରଫେର ଅଭିଯୋଗ ଆଣି ଏହି ମାମଲା ରୁଜୁ କରାଯାଇଛି। ଏହା ପୂର୍ବରୁ ଲୋକାୟୁକ୍ତ ସିଦ୍ଧରମୈୟା, ତାଙ୍କ ପତ୍ନୀ ଏବଂ ଶଳାଙ୍କ ନାଁରେ ମାମଲା ରୁଜୁ କରିଥିଲା।ମୈସୁର ସହରାଞ୍ଚଳ ବିକାଶ ପ୍ରାଧିକରଣ (MUDA) ଜମି ଆବଣ୍ଟନରେ ହେରଫେର ଅଭିଯୋଗରେ ଏହି ମାମଲା ରୁଜୁ କରାଯାଇଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ନିକଟରେ ଦୁର୍ନୀତି ନିବାରଣ ସଂସ୍ଥା ଲୋକାୟୁକ୍ତ ରୁଜୁ କରିଥିଲା ମାମଲା। ଆଜି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଆଉ ଏକ ମାମଲା ରୁଜୁ କରିଛି।

## ମହାପ୍ରସାଦ ମାନ ଯାଞ୍ଚ ନେଇ ଅସନ୍ତୋଷ ପ୍ରକାଶ କଲେ ଭକ୍ତ ଓ ଜଗନ୍ନାଥ ପ୍ରେମୀ

ପୁରୀ,୩୦।୯(ପି.ଏନ): ଶ୍ରୀମନ୍ଦିରରେ ମହାପ୍ରସାଦ ପ୍ରସ୍ତୁତି ପରେ ଏହାର ମାନ ଯାଞ୍ଚ ହେବ। ମାନ ପରୀକ୍ଷା ପାଇଁ ଖାଦ୍ୟ ନିରାପତ୍ତା ଅଧିକାରୀ ନିଯୁକ୍ତ ହେବେ। ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ବୟାନ ପରେ ଏହି ନିଷ୍ପତ୍ତିକୁ କଡ଼ା ବିରୋଧ କରାଯାଇଛି। ମହାପ୍ରସାଦର ମାନ ଯାଞ୍ଚ ନିଷ୍ପତ୍ତି ହେଉଛି ଜଗନ୍ନାଥ ସଂସ୍କୃତି ଏବଂ ପରମ୍ପରା ବିରୋଧୀ। ସରକାରଙ୍କ ଏଭଳି ନିଷ୍ପତ୍ତିକୁ ଆଦୌ ଗ୍ରହଣ କରାଯିବ ନାହିଁ କ୍ଷ ଶ୍ରୀମନ୍ଦିର ରୋଷ ଘରେ ପ୍ରସାଦ ପ୍ରସ୍ତୁତି ପରେ ଏହା ମହାପ୍ରଭୁଙ୍କ ଠାରେ ଲାଗି ହୋଇଥାଏ।ଏହି ପ୍ରସାଦ ଶ୍ରୀମହାପ୍ରସାଦରେ ପରିଣତ ହୋଇଯାଏ। ମହାପ୍ରଭୁଙ୍କ ମହାପ୍ରସାଦ କାଣିଚାଏ ମିଳିଗଲେ ମହାପୂଣ୍ୟ ମିଳିଥାଏ ବୋଲି ଶାସ୍ତ୍ରରେ ଉଲ୍ଲେଖ ରହିଛି। ମହାପ୍ରସାଦ ହେଉଛି କୋଟି କୋଟି ଜଗନ୍ନାଥ ପ୍ରେମୀଙ୍କ ଆସ୍ଥା ଓ ଭକ୍ତିର ପ୍ରତୀକ। ମହାପ୍ରଭୁଙ୍କ ଠାରେ ଲାଗି ହୋଇଥିବା ମହାପ୍ରସାଦର ମାନ ଯାଞ୍ଚ ନେଇ ଚିନ୍ତା କରିବା ମହାପାପ।ତେଣୁ ମହାପ୍ରସାଦର ମାନ ଭଲ ରହିବା ପାଇଁ ମହାପ୍ରସାଦ ପ୍ରସ୍ତୁତି ପୂର୍ବରୁ ଶ୍ରୀମନ୍ଦିରକୁ ଯାଉଥିବା ଚାଉଳ, ପନିପରିବା, ଘିଅ ଏବଂ ଅନ୍ୟାନ୍ୟ ସାମଗ୍ରୀର ଯାଞ୍ଚକୁ କଡ଼ାକଡ଼ି କରାଯାଉ। ସେହିପରି ମହାପ୍ରସାଦର ମାନ ଯାଞ୍ଚକୁ ଶ୍ରୀ ଜଗନ୍ନାଥ ସଂସ୍କୃତି ପ୍ରଚାରକ ଓ ଭକ୍ତ ମଧ୍ୟ ବିରୋଧ କରୁଛନ୍ତି।

### ଅଜିତଙ୍କ ସହ ମେଣ୍ଟକୁ ଭୋଟର ପସନ୍ଦ କରନ୍ତି ନାହିଁ: ଗୁମର ଖୋଲିଲେ ଫଡନବୀସ୍

ମୁମ୍ବାଇ,୩୦।୯(ପି.ଏନ): ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନବୀସ୍ ସ୍ୱୀକାର କରିଛନ୍ତି ଯେ ଅଜିତ ପାୱାରଙ୍କ ସହ ହୋଇଥିବା ମେଣ୍ଟକୁ ବିଜେପି ଭୋଟର ପସନ୍ଦ କରନ୍ତି ନାହିଁ। ଅଜିତ ପାୱାରଙ୍କ ଯୋଗୁ ଆଶା ଅନୁଯାୟୀ ଲୋକସଭା ନିର୍ବାଚନରେ ବିଜେପିକୁ ଭୋଟ ମିଳି ନ ଥିଲା। ଲୋକସଭା ନିର୍ବାଚନରେ ବିଜେପି କମ୍ ଆସନ ପାଇବାର ଏହା ଅନ୍ୟତମ କାରଣ ଥିଲା। ଏବେ ଫଡନବୀସଙ୍କ ଏଭଳି ମନ୍ତବ୍ୟ ନେଇ ରାଜ୍ୟ ରାଜନୀତିରେ ଝଡ ସୃଷ୍ଟି ହୋଇଛି।ଫଡନବୀସ୍ କହିଛନ୍ତି ଯେ ବର୍ତ୍ତମାନ ଭୋଟରମାନେ ବୁଝିଛନ୍ତି ଯେ ସମୟ ଅନୁଯାୟୀ ରାଜନୈତିକ ଆପୋଷ ବୁଝାମଣା କରିବାକୁ ପଡିବ, ତେଣୁ ବିଧାନସଭା ନିର୍ବାଚନରେ ଭୋଟରଙ୍କ ମଧ୍ୟରେ କୌଣସି ଅସନ୍ତୋଷ ରହିବ ନାହିଁ ଏବଂ ଅଜିତ ପାୱାରଙ୍କ ଭୋଟରମାନେ ମଧ୍ୟ ବିଜେପିକୁ ଗ୍ରହଣ କରିବେ ବୋଲି ଆଶା ରହିଛି।

## ପାର୍ବଣ ପୂର୍ବରୁ ବଦଳିଲେ ପୁଲିସ୍ କମିଶନର, ଦାୟିତ୍ୱ ନେଲେ ସୁରେଶ ଦେବଦତ୍ତ ସିଂହ



ଭୁବନେଶ୍ୱର,୩୦।୯(ପି.ଏନ): ପାର୍ବଣ ପୂର୍ବରୁ ବଦଳିଲେ ଟୁଇନ୍ ସିଟି କମିଶନର। ନୂତନ କମିଶନର ଭାବେ ଆଜି ଦାୟିତ୍ୱ ଗ୍ରହଣ କରିଛନ୍ତି ସୁରେଶ ଦେବଦତ୍ତ ସିଂହ। ପୂର୍ବତନ କମିଶନର ସଂଜୀବ ପଣ୍ଡାଙ୍କ ତାଙ୍କ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି। ୧୯୯୮ ବ୍ୟାଚ୍ ବରିଷ୍ଠ ଆଇପିଏସ୍ ଦେବଦତ୍ତ ସିଂହ ଆଜି ନୂତନ ଦାୟିତ୍ୱ ଗ୍ରହଣ କରିଛନ୍ତି। ଗାର୍ଡ ଅଫ୍ ଅନର ପ୍ରଦାନ ପରେ ସଂଜୀବ ପଣ୍ଡା ତାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି।ପୂର୍ବରୁ ଏଡିଜି ଅପରେସନ ରହି ସାରିଥିବା ସୁରେଶ ଦେବଦତ୍ତ ସିଂହଙ୍କର ଦୀର୍ଘ ବର୍ଷର ଅଭିଜ୍ଞତା ରହିଛି। ମୁଖ୍ୟତଃ ନକ୍ସଲ ଅପରେସନକୁ ସଫଳତାର ସହ ପରିଚାଳନା କରିବାରେ ସେ ପ୍ରମୁଖ ଭୂମିକା ନିର୍ବାହ କରି ସାରିଛନ୍ତି। ଏହାବାଦ ନକ୍ସଲ ଅଧ୍ୟୁଷିତ ଅଞ୍ଚଳରେ ହେଉଥିବା ଗଞ୍ଜେଇ ଚାଷକୁ ଡ୍ରୋନ ସାହାଯ୍ୟରେ ଚିହ୍ନଟ କରି ତାହାକୁ ନଷ୍ଟ କରିବାରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା। ଚଳିତ ନିର୍ବାଚନରେ ନକ୍ସଲ ହିଂସା ମୁକ୍ତ ନିର୍ବାଚନ କରାଇବା ତାଙ୍କର ବଡ ସଫଳତା ବୋଲି ବିବେଚନା କରାଯାଉଛି।

### ଭାରସାମ୍ୟ ହରାଇ ଓଲଟିଲା ଅଟୋ, ୮ ମହିଳା ଗୁରୁତର



ଭୁବନେଶ୍ୱର,୩୦।୯(ପି.ଏନ): ଗଞ୍ଜାମ ଜିଲ୍ଲା ସ୍ଥିତ ଭଞ୍ଜନଗର ବାଇବାଲି ପଞ୍ଚାୟତ ନିକଟରେ ସଡକ ଦୁର୍ଘଟଣା। ଏକ ଅଟୋ ଭାରସାମ୍ୟ ହରାଇ ଓଲଟିଯିବା ଫଳରେ ୮ ଜଣ ମହିଳା ଗୁରୁତର ହୋଇଛନ୍ତି। ଏହି ଦୁର୍ଘଟଣାରେ ୪ ଗୁରୁତର ମହିଳାଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି।

## ହସ୍ପିଟାଲ ସୁରକ୍ଷାକୁ ନେଇ ଏତେ ମାନ୍ଦା କାହିଁକି ? ବେଙ୍ଗଲକୁ ପ୍ରଶ୍ନ କଲେ ସୁପ୍ରିମକୋର୍ଟ




ଭୁବନେଶ୍ୱର,୩୦।୯(ପି.ଏନ): ପଶ୍ଚିମବଙ୍ଗରେ ଥିବା ଆରଜି କର ମେଡିକାଲ କଲେଜ ଓ ହସ୍ପିଟାଲ ସମେତ ଅନ୍ୟ ସରକାରୀ ମେଡିକାଲର ସୁରକ୍ଷା ବ୍ୟବସ୍ଥାକୁ ସୁଦୃ? କରିବା ପ୍ରସଙ୍ଗରେ ଆଜି ସୁପ୍ରିମକୋର୍ଟ ଅସନ୍ତୋଷ ପ୍ରକାଶ କରିଛନ୍ତି। ପଶ୍ଚିମବଙ୍ଗ ସରକାର ହସ୍ପିଟାଲରେ ସିସିଟିଭି ଲଗାଇବା ଓ ଅନ୍ୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବାରେ ଅତ୍ୟନ୍ତ ବିଳମ୍ବ କରୁଥିବାରୁ ସୁପ୍ରିମକୋର୍ଟ ଏହା ଉପରେ ପ୍ରଶ୍ନ ଉଠାଇଛନ୍ତି।ପ୍ରଧାନ ବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ ସୁରକ୍ଷା ଆବଶ୍ୟକତାକୁ ପୂରଣ କରିବାରେ ବିଳମ୍ବ ହେଉଥିବାରୁ ପଶ୍ଚିମବଙ୍ଗ ସରକାରଙ୍କୁ ପ୍ରଶ୍ନ କରିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷ ରଖୁଥିବା ବରିଷ୍ଠ ଆଇନଜୀବୀ ରାକେଶ ଦ୍ୱିବେଦୀ କୋର୍ଟଙ୍କୁ ବନ୍ୟା ଯୋଗୁ ଜିନିଷ ଆସିବାରେ ବିଳମ୍ବ ହେଉଥିବା କହିଥିଲେ। ୬,୧୭୮ଟି ସିସିଟିଭି କ୍ୟାମେରା ଲଗାଇବାକୁ ଯୋଜନା ହୋଇଥିବା ବେଳେ କେବଳ ୨୨% ଲାଗି ଥିବା ସେ କହିଥିଲେ।ତେବେ ଏହା ଶୁଣି ସିଜେଆଇ ସନ୍ତୁଷ୍ଟ ହୋଇ ନଥିଲେ। ସେ କହିଥିଲେ, "ପ୍ରକ୍ରିୟାରେ ଏତେ ମାନ୍ଦା ପଣ କାହିଁକି ? କୌଣସି ସୁରକ୍ଷା କ୍ଷେତ୍ର ୫୦% ପାର କରିନି।" ଏହା ଉପରେ ଦ୍ୱିବେଦୀ ଖଣ୍ଡପୀଠକୁ ପ୍ରତିଶ୍ରୁତି ଦେଇଥିଲେ ଯେ ଅକ୍ଟୋବର ୩୧ ଯାଏ ସମୟ ଦିଆଯାଇଛି। କିନ୍ତୁ ଆମେ ଅକ୍ଟୋବର ୧୫ ସୁଦ୍ଧା ସବୁ କାମ ସାରିଦେବୁ।

## ଦ୍ୱିତୀୟ ପର୍ଯ୍ୟାୟରେ କେତେ ମହିଳା ପାଇବେ 'ସୁଭଦ୍ରା' ଟଙ୍କା ? ଏହିମାନଙ୍କୁ ମିଳିବ ପ୍ରଥମ କିସ୍ତି, ୨ ମହିଳା ହେବେ ସମ୍ମାନିତ



ଭୁବନେଶ୍ୱର,୩୦।୯(ପି.ଏନ): ସୁଭଦ୍ରା ଯୋଜନାର ଦ୍ୱିତୀୟ ପର୍ଯ୍ୟାୟ ଟଙ୍କା ପଠାଇବା ପାଇଁ ତାରିଖ ଘୋଷଣା କରିଛନ୍ତି ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା। ଅକ୍ଟୋବର ୯ ତାରିଖରେ ରାଜ୍ୟର ଆଉ କିଛି ମହିଳା ହିତାଧିକାରୀଙ୍କ ଆକାଉଣ୍ଟକୁ ଏହି ଟଙ୍କା ପଠାଇବେ ସରକାର। ପ୍ରଥମ ପର୍ଯ୍ୟାୟରେ ୨୫ ଲକ୍ଷ ୧୧ ଜଣଙ୍କୁ ସରକାର 'ସୁଭଦ୍ରା' ଟଙ୍କା ପଠାଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ପ୍ରାୟ ୪୦ ଲକ୍ଷ ହିତାଧିକାରୀଙ୍କୁ ଟଙ୍କା ପଠାଯାଇପାରେ ବୋଲି ପ୍ରକାଶ କରିଛନ୍ତି ଉପ-ମୁଖ୍ୟମନ୍ତ୍ରୀ। ପ୍ରଥମ ପର୍ଯ୍ୟାୟ ଭଳି ଦ୍ୱିତୀୟ ପର୍ଯ୍ୟାୟ ପରେ ମଧ୍ୟ ଆଉ କିଛି ମହିଳା ଟଙ୍କା ପାଇବାରୁ ବଞ୍ଚିତ ରହିବେ। ତେବେ ଦ୍ୱିତୀୟ ପର୍ଯ୍ୟାୟରେ କେଉଁମାନଙ୍କୁ ମିଳିବ ପ୍ରଥମ କିସ୍ତି ?ଆସନ୍ତା ଅକ୍ଟୋବର ୯ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟରେ ସୁଭଦ୍ରା ଯୋଜନାର ପ୍ରଥମ କିସ୍ତି ପଠାଇବେ ସରକାର। ବାରିପଦାରେ ଏକ କାର୍ଯ୍ୟକ୍ରମ ଜରିଆରେ ଏହି ଟଙ୍କା ବଣ୍ଟନ କରାଯିବ। ତେବେ ଅକ୍ଟୋବର ୭ ତାରିଖ ସୁଦ୍ଧା ଯେଉଁ ମହିଳା ହିତାଧିକାରୀମାନେ ଯୋଗ୍ୟ ଭାବରେ ବିବେଚିତ ହୋଇଥିବେ, ସେମାନଙ୍କୁ ଦ୍ୱିତୀୟ ପର୍ଯ୍ୟାୟରେ ପ୍ରଥମ କିସ୍ତି ଟଙ୍କା ପଠାଯିବ ବୋଲି କହିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା। ତେବେ ଏହି ପର୍ଯ୍ୟାୟରେ ପ୍ରାୟ ୪୦ ଲକ୍ଷରୁ ଅଧିକ ମହିଳାଙ୍କ ଆକାଉଣ୍ଟକୁ ସୁଭଦ୍ରା ଟଙ୍କା ପଠାଯିବା ନେଇ ଆଶା କରାଯାଉଛି। ରାଜ୍ୟର ମହିଳା ମାନଙ୍କୁ ସମ୍ମାନ ଜଣାଇ ମା'ଦୁର୍ଗାଙ୍କ ଦଶହରା ପର୍ବରେ ଏହି ଟଙ୍କା ପଠାଇବାକୁ ନିଷ୍ପତ୍ତି ନେଇଛନ୍ତି ରାଜ୍ୟ ସରକାର। ବାରିପଦାରେ ନିଜେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉପସ୍ଥିତ ରହି ଏକ କାର୍ଯ୍ୟକ୍ରମକୁ ରୂପାୟନ କରିବେ ବୋଲି ସୂଚନା ଦେଇଛନ୍ତି ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା।ଉଦ୍ରା ଯୋଜନାର ପ୍ରଥମ ମହିଳା ହିତାଧିକାରୀ ଏବଂ ୧ କୋଟି ତମ ମହିଳା ହିତାଧିକାରୀ (ତାଲିକାର ୧ କୋଟିତମ ନମ୍ବରରେ ଥିବା ମହିଳା ହିତାଧିକାରୀ)ଙ୍କୁ କାର୍ଯ୍ୟକ୍ରମକୁ ନିମନ୍ତ୍ରଣ କରି ସଭାରେ ସମ୍ମାନିତ କରାଯିବ ବୋଲି କହିଛନ୍ତି ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା। ମୟୂରଭଞ୍ଜ ମହିଳା ସଶକ୍ତିକରଣର ଏକ ଅନନ୍ୟ ଉଦାହରଣ ହେବ ବୋଲି ସେ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମକୁ ନେଇ ଉପ-ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବର୍ତ୍ତମାନ ସୁଦ୍ଧା ପ୍ରାୟ ୯୬ ଲକ୍ଷରୁ ଅଧିକ ମହିଳା ଏହି ଯୋଜନାରେ ଆବେଦନ କରି ସାରିଛନ୍ତି। କିନ୍ତୁ ଆସନ୍ତା ୯ ତାରିଖରେ ଅଧିକରୁ ଅଧିକ ମହିଳାଙ୍କ ପାଖରେ ପହଞ୍ଚିବାକୁ ଚେଷ୍ଟା କରାଯିବ। ଆଶା କରାଯାଉଛି ଏହି ପର୍ଯ୍ୟାୟରେ ୪୦ ଲକ୍ଷରୁ ଅଧିକ ମହିଳାଙ୍କୁ ସୁଭଦ୍ରା ଯୋଜନାରେ ସାମିଲ କରାଯିବ।

## ରାଜନୀତିଠୁ ଭଗବାନଙ୍କୁ ଦୂରେଇ ରଖ; ଲଡୁ ବିବାଦକୁ ନେଇ ଏପରି କହିଲେ ସୁପ୍ରିମକୋର୍ଟ



ଭୁବନେଶ୍ୱର,୩୦।୯(ପି.ଏନ): ଆନ୍ଧ୍ରପ୍ରଦେଶର ପ୍ରସିଦ୍ଧ ତିରୁପତି ମନ୍ଦିର ଲଡୁ ବିବାଦକୁ ନେଇ ଚାଲିଥିବା ଚର୍ଚ୍ଚା ମଧ୍ୟରେ ଆଜି ସୁପ୍ରିମକୋର୍ଟରେ ଏ ଉପରେ ଶୁଣାଣି ହୋଇଛି। ଶୁଣାଣି ସମୟରେ ସର୍ବୋଚ୍ଚ ଅଦାଲତ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କ ବକ୍ତବ୍ୟକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛନ୍ତି। ତଦନ୍ତ ହେବା ପୂର୍ବରୁ ମୁଖ୍ୟମନ୍ତ୍ରୀ କାହିଁକି ପ୍ରସମିଟ୍ କରି ତିରୁପତି ମନ୍ଦିର ଲଡୁ ସମ୍ପର୍କରେ ଏପରି ବିବୃତ୍ତି ରଖିଲେ ବୋଲି ସୁପ୍ରିମକୋର୍ଟ ପ୍ରଶ୍ନ କରିଛନ୍ତି। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ବିବୃତ୍ତିକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ଜଷ୍ଟିସ ବିଆର ଗଭାଇ ଏବଂ ଜଷ୍ଟିସ କେଭି ବିଶ୍ୱନାଥନ।ଶୁଣାଣି ସମୟରେ ଅଦାଲତ କହିଛନ୍ତି, 'ଯଦି ଆପଣ (ମୁଖ୍ୟମନ୍ତ୍ରୀ) ଏଥିପାଇଁ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ, ତେବେ ସାମ୍ବାଦିକ ସମ୍ମିଳନୀ କରିବାର କି ଆବଶ୍ୟକ ଥିଲା ଧାର୍ମିକ ଭାବାବେଗକୁ ସମ୍ମାନ ଜଣାଇବାର ଆବଶ୍ୟକ ଥିଲା। ଲ୍ୟାବ ରିପୋର୍ଟ ଜୁଲାଇରେ ଆସିଥିଲା... ଆପଣ ସେପ୍ଟେମ୍ବରରେ ବିବୃତ୍ତି ରଖିଲେ। କିନ୍ତୁ ରିପୋର୍ଟରେ କୌଣସି ସ୍ପଷ୍ଟତା ନାହିଁ।'

## ଛାଡପତ୍ର ପାଇଁ ଆସିଥିବା ସ୍ୱାମୀ-ସ୍ତ୍ରୀଙ୍କୁ ସାତଫେରା ମନେ ପକାଇ ପୁଣି ବିବାହ କରାଇଲେ ବିଚାରପତି

ରାୟପୁର,୩୦।୯(ପି.ଏନ): ଛାଡପତ୍ର ବର୍ତ୍ତମାନ ଏକ ସାଧାରଣ କଥା ପାଲଟିଛି। କେବଳ ଭାରତରେ ନୁହେଁ ବିଶ୍ୱର ସମସ୍ତ ଦେଶରେ ଛାଡପତ୍ର ମାମଲା ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଲୋକମାନେ ବିବାହର କିଛି ବର୍ଷ ପରେ ଅଲଗା ହେବାକୁ ନିଷ୍ପତ୍ତି ନେଉଛନ୍ତି। ଛାଡପତ୍ର ଦୁଇ ପରିବାରର ଜୀବନ ଉପରେ ମଧ୍ୟ ପ୍ରଭାବ ପକାଇଥାଏ।ବିଶେଷକରି ଏହାର ଖରାପ ପ୍ରଭାବ ପିଲାମାନଙ୍କର ମାନସିକ ସ୍ଥିତି ଉପରେ ଦେଖାଯାଇଥାଏ। କିନ୍ତୁ ଅନେକ ଥର ଦମ୍ପତି ପାରସ୍ପରିକ ଝଗଡା ଯୋଗୁ ପରିବାର ଏବଂ ପିଲାମାନଙ୍କୁ ଅଣଦେଖା କରିଥାନ୍ତି। ତେବେ ଛତିଶଗଡର ଏକ କୋର୍ଟରୁ ଆଶ୍ଚର୍ଯ୍ୟଜନକ ଖବର ବାହାରୁଛି। ଛାଡପତ୍ର ପାଇଁ କୋର୍ଟକୁ ଯାଉଥିବା ଦମ୍ପତିମାନେ ଖୁସି ହୋଇ କୋର୍ଟ ବାହାରକୁ ଆସୁଛନ୍ତି ଏବଂ ସବୁଦିନ ପାଇଁ ଏକାଠି ରହିବାକୁ ରାଜି ହେଉଛନ୍ତି। ଏହା ପଛରେ ଜଣେ ବିଚାରପତି ଅଛନ୍ତି। ହଁ, ଲେଡି ଜଜ୍ ନୀଳିମା ସିଂ ବେମେଟାରାଙ୍କ ପରିବାର କୋର୍ଟରେ ଏହି ଚମତ୍କାର କରିଛନ୍ତି। ସେ ଅନେକ ଦମ୍ପତିଙ୍କୁ ପୁଣି ଏକାଠି ରହିବାକୁ ପରାମର୍ଶ ଦେଇଥାନ୍ତି। ଛାଡପତ୍ର ଉପରେ ଜିଦ୍ ଧରିଥିବା ଦମ୍ପତିମାନେ ସାଧାରଣତଃ କାହା କଥା ଶୁଣନ୍ତି ନାହିଁ, କିନ୍ତୁ ଜଜ୍ ନୀଳିମା ସିଂ ଅସମ୍ଭବକୁ ମଧ୍ୟ ସମ୍ଭବ କରିପାରିଛନ୍ତି। ସେ ଛାଡପତ୍ର ପାଇଁ ଆସିଥିବା ଦମ୍ପତିଙ୍କୁ ବିବାହ ସମୟରେ ନିଆ ଯାଇଥିବା ସାତଫେରା ସମୟରେ ସପ୍ତପଦୀ ସମ୍ପର୍କରେ ମନେପକାଇ ଏହା ସମ୍ଭବ କରୁଛନ୍ତି। ବିବାହ ସମୟରେ ସ୍ୱାମୀ-ସ୍ତ୍ରୀ ଅଗ୍ନିଚାରିପଟେ ସାତଫେରା ନେବା ସମୟରେ ୭ଟି ଶପଥ ନେଇଥାନ୍ତି। ଏହାକୁ ସପ୍ତପଦୀ କୁହାଯାଏ। ସାଧାରଣତଃ ସଂସ୍କୃତରେ ଏହି ୭ଟି ବିବାହ ଶପଥ ଅଛି। କିନ୍ତୁ ଜଜ୍ ନୀଳିମା ସିଂ ସେମାନଙ୍କୁ ହିନ୍ଦୀରେ ଅନୁବାଦ କରିଛନ୍ତି ଏବଂ ଏହାକୁ ଅଫିସରେ ଫ୍ରେମ୍ କରି ଲଗାଇଛନ୍ତି। ଏହା ବ୍ୟତୀତ ତାଙ୍କ ପାଖରେ ସପ୍ତପଦୀର ଏକ ଫଟୋଗ୍ରାଫ ମଧ୍ୟ ଅଛି, ଯାହା ସେ ଦମ୍ପତିମାନଙ୍କୁ ପଢ଼ିବାକୁ ଦିଅନ୍ତି। ଏହି କୌଶଳ ଦ୍ୱାରା ଜଜ୍ ନୀଳିମା ସିଂ ସେପ୍ଟେମ୍ବର ୨୧ରେ ୨୪ରୁ ଅଧିକ ମାମଲାର ସମାଧାନ କରିଥିଲେ। ରିପୋର୍ଟ ଅନୁଯାୟୀ, ୫୮ ବର୍ଷ ବୟସ୍କା ମହିଳା ଦୀର୍ଘ ବର୍ଷ ଧରି ସ୍ୱାମୀଙ୍କ ସହ ଗୋଟିଏ କୋଠରୀରେ ରହୁ ନ ଥିଲେ। ଉଭୟ ୪୦ ବର୍ଷ ଧରି ବିବାହ କରିଥିଲେ। କିନ୍ତୁ ମହିଳା ଜଣକ ଗୋଟିଏ ଘରର ଅଲଗା କୋଠରୀରେ ରହୁଥିଲେ। ବର୍ତ୍ତମାନ ସେମାନଙ୍କ ଜୀବନର ଶେଷ ପର୍ଯ୍ୟାୟରେ ଉଭୟ ଅଲଗା ହେବାକୁ ନିଷ୍ପତ୍ତି ନେଇ କୋର୍ଟରେ ଛାଡପତ୍ର ଆବେଦନ କରିଥିଲେ।

## ବାରୁଦଗଦାରେ ବିଶ୍ୱ: ତୃତୀୟ ବିଶ୍ୱଯୁଦ୍ଧ ଘନେଇଲା

ଜେରୁଜେଲମ୍,୩୦।୯(ପି.ଏନ): ହମାସ ୭ ଅକ୍ଟୋବର ୨୦୨୩ରେ ଇସ୍ରାଏଲ ଉପରେ ଆକ୍ରମଣ କରି ୧୨୦୦ରୁ ଅଧିକ ଇସ୍ରାଏଲକୁ ଅତି ନିର୍ମମ ଭାବରେ ହତ୍ୟା କରିବା ସହିତ ୨୫୦ ଲୋକଙ୍କୁ ବନ୍ଧକ ମଧ୍ୟ କରିଥିଲା। ହମାସର ଏହି ନିଷ୍ଠୁର କାର୍ଯ୍ୟ ପରେ ଇସ୍ରାଏଲ ହମାସକୁ ଧ୍ୱଂସ କରିବାକୁ ଶପଥ ନେଇଛି।ଏହା ପରେ ପାଲେଷ୍ଟାଇନର ଗାଜାରେ ଏୟାର ଷ୍ଟ୍ରାଇକ୍ ଏବଂ ସ୍ଥଳଭାଗରେ ଆକ୍ରମଣ କରି ଇସ୍ରାଏଲ ହମାସର ମେରୁଦଣ୍ଡକୁ ସମ୍ପୂର୍ଣ୍ଣ ଭାଙ୍ଗି ଦେଇଥିଲା। ଏହାପୂର୍ବରୁ, ଇସ୍ରାଏଲର ଟାର୍ଗେଟ କେବଳ ହମାସ ଥିଲା। ତା'ପରେ ହିଜବୁଲ୍ଲା ମଧ୍ୟ ଲେବାନନ ମାଟିରୁ ଇସ୍ରାଏଲ ବିରୁଦ୍ଧରେ ଯୁଦ୍ଧ ଆରମ୍ଭ କରିଥିଲା। ହିଜବୁଲ୍ଲା ଶହ ଶହ ରକେଟ ଏବଂ କ୍ଷେପଣାସ୍ତ୍ର ସହିତ ଇସ୍ରାଏଲକୁ ଟାର୍ଗେଟ କରିଥିଲା। ଇସ୍ରାଏଲ ହମାସକୁ ଛାଡି ହିଜବୁଲ୍ଲା ଶିବିର ଉପରେ ଆକ୍ରମଣ କରିଥିଲା। କିଛି ଦିନ ମଧ୍ୟରେ ଇସ୍ରାଏଲ ହିଜବୁଲ୍ଲା ମୁଖ୍ୟ ହାସନ ନସ୍ ?ରଲ୍ଲାଙ୍କ ସମେତ ଅନେକ ବରିଷ୍ଠ କମାଣ୍ଡରଙ୍କୁ ହତ୍ୟା କରିଛି। ଇସ୍ରାଏଲ ଏପର୍ଯ୍ୟନ୍ତ ଏହି ଯୁଦ୍ଧରେ ହମାସ ଏବଂ ହିଜବୁଲ୍ଲାର ସମସ୍ତ ପ୍ରମୁଖ କମାଣ୍ଡରଙ୍କୁ ହତ୍ୟା କରିଛି। ଏବେ ଇସ୍ରାଏଲ୍‌ର ପରବର୍ତ୍ତୀ ଲକ୍ଷ୍ୟ ହେଉଛି ହୁତି ବିଦ୍ରୋହୀ। ୟେମେନର ହୋଦିଦା ବନ୍ଦରରେ ହୋଇଥିବା ଏକ ବଡ଼ ଧରଣର ଏୟାର ଷ୍ଟ୍ରାଇକରେ ଇସ୍ରାଏଲ ଶହ ଶହ ହୁତି ବିଦ୍ରୋହୀଙ୍କୁ ହତ୍ୟା କରିଛି। ହୁତି ବିଦ୍ରୋହୀମାନେ ପୂର୍ବରୁ ଡ୍ରୋନ୍ ଏବଂ କ୍ଷେପଣାସ୍ତ୍ର ଦ୍ୱାରା ଇସ୍ରାଏଲ ଉପରେ ଆକ୍ରମଣ କରିଥିଲେ। ଇରାନ ହମାସ ଏବଂ ହିଜବୁଲ୍ଲା ସହିତ ହୁତି ବିଦ୍ରୋହୀଙ୍କୁ ମଧ୍ୟ ସମର୍ଥନ କରୁଛି। ଇସ୍ରାଏଲ ହୋଦିଦା ବନ୍ଦରକୁ ଟାର୍ଗେଟ କରିଥିଲା କାରଣ ହୁତି ବିଦ୍ରୋହୀମାନେ ଏହି ବନ୍ଦରକୁ ଇରାନରୁ ଅସ୍ତ୍ରଶସ୍ତ୍ର ଆଣିବା ପାଇଁ ବ୍ୟବହାର କରିଥାନ୍ତି ଏବଂ ଏହି ବନ୍ଦର ଗତ କିଛି ବର୍ଷ ଧରି ହୁତି ବିଦ୍ରୋହୀଙ୍କ ଅଧୀନରେ ରହିଛି।ଯଦିଓ ଇରାନ ଇସ୍ରାଏଲ ବିରୋଧରେ ସିଧାସଳଖ ଯୁଦ୍ଧକୁ ଏଡ଼ ?ଇ ଦେଉଥିଲା, ତଥାପି ଇସ୍ରାଏଲର ଶତ୍ରୁମାନଙ୍କୁ ଅସ୍ତ୍ରଶସ୍ତ୍ର ଏବଂ ଆର୍ଥିକ ସହାୟତା ଯୋଗାଉଥିଲା। ଗତ ବର୍ଷ ହମାସ ଦ୍ୱାରା ହୋଇଥିବା ଆକ୍ରମଣ ପୂର୍ବରୁ ମଧ୍ୟ ଇସ୍ରାଏଲ ସାମୟିକ ଭାବେ ଯୁଦ୍ଧ କରୁଥିଲା, କିନ୍ତୁ ବର୍ତ୍ତମାନ ଇସ୍ରାଏଲ ଏହାର ପୁରୁଣା ଶତ୍ରୁମାନଙ୍କୁ ମୂଳରୁ ହଟାଇବା ପାଇଁ ରଣନୀତି ଅନୁସରଣ କରୁଛି। ହମାସ ଏବଂ ହିଜବୁଲ୍ଲାର ସମସ୍ତ ବରିଷ୍ଠ କମାଣ୍ଡରଙ୍କୁ ହତ୍ୟା କରି ଇସ୍ରାଏଲ ନିଜ ବିରୁଦ୍ଧରେ କୌଣସି ଆକ୍ରମଣକୁ ବରଦାସ୍ତ କରିବ ନାହିଁ ବୋଲି କହିଛି। କିଛି ଦିନ ପୂର୍ବରୁ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ମିଳିତ ଜାତିସଂଘରେ କାହାର ନାମ ନ ନେଇ ଇରାନକୁ ଚେତାବନୀ ଦେଇଥିଲେ ଏବଂ କହିଥିଲେ ଯେ ଯେଉଁମାନେ ଇସ୍ରାଏଲକୁ ଟାର୍ଗେଟ କରୁଛନ୍ତି, ସେମାନଙ୍କୁ ଏହାର ପରିଣାମର ସମ୍ମୁଖୀନ ହେବାକୁ ପ୍ରସ୍ତୁତ ରହିବାକୁ ପଡ଼ିବ। ନେତାନ୍ୟାହୁ ଏହା ମଧ୍ୟ କହିଥିଲେ ଯେ ଇସ୍ରାଏଲର ସେନାଙ୍କ ପହଞ୍ଚିବାର କ୍ଷମତା ବାହାରେ କେ ?ଣସି ସ୍ଥାନ ନାହିଁ।ଇସ୍ରାଏଲର ଆକ୍ରମଣାତ୍ମକ ମନୋଭାବ ଯୋଗୁଁ ଇରାନ ମଧ୍ୟ ବ୍ୟାକ୍ ?ପୁଟରେ ଥିବା ଜଣାପଡିଛି। ହିଜବୁଲ୍ଲା ମୁଖ୍ୟ ହାସନ ନସ୍ ?ରଲ୍ଲାଙ୍କ ମୃତ୍ୟୁ ପରେ ଇରାନ ମଧ୍ୟ ଇସ୍ରାଏଲର ଆକ୍ରମଣକୁ ଭୟ କରିବା ଆରମ୍ଭ କରିଛି। ଇରାନର ସର୍ବୋଚ୍ଚ ନେତା ଆୟତୁଲ୍ଲା ଅଲି ଖାମେନେଇଙ୍କୁ ଏକ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ବର୍ତ୍ତମାନ ଇରାନ ମିଳିତ ଜାତିସଂଘ ସୁରକ୍ଷା ପରିଷଦର ଏକ ବୈ ?ଠକ ଡାକିଛି। ଇରାନ ସମ୍ଭାବ୍ୟ ବିପଦକୁ ଅନୁଭବ କରିଛି ଏବଂ ନିଜକୁ ରକ୍ଷା କରିବାର ଉପାୟ ଖୋଜୁଛି।ରୁଷିଆ ଏବଂ ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧ ଏକ ହଜାର ଦିନରୁ ଅଧିକ ସମୟ ବିତିଗଲାଣି। ଏହି ସଂଗ୍ରାମରେ ଗୋଟିଏ ପଟେ ରୁଷିଆ ଚୀନ୍ ସହିତ ଛିଡା ହୋଇଥିବାବେଳେ ୟୁକ୍ରେନକୁ ଆମେରିକା ଏବଂ ନାଟୋର ସମର୍ଥନ ମିଳୁଛି। ଏହି ଯୁଦ୍ଧ ଯୋଗୁ ତୃତୀୟ ବିଶ୍ୱଯୁଦ୍ଧର ବିପଦ ରହିଛି। ଯଦିଓ ଭାରତ ସମେତ କେତେକ ଦେଶ ଏହି ଯୁଦ୍ଧକୁ ବନ୍ଦ କରିବାକୁ ଚେଷ୍ଟା କରୁଛନ୍ତି। ତଥାପି ଯୁଦ୍ଧ ସମାପ୍ତ ହେବାର କେ ?ଣସି ସମ୍ଭାବନା ନାହିଁ। ଯଦି ଦୁଇ ଦେଶ ମଧ୍ୟରେ ଅସ୍ତ୍ରବିରତି ନ ହୁଏ ତେବେ ଏହା ନିଶ୍ଚିତ ଯେ ୟୁରୋପ ଯୁଦ୍ଧକ୍ଷେତ୍ରରେ ପରିଣତ ହେବ। ୟୁରୋପ ଆଡକୁ ଯୁଦ୍ଧର ପ୍ରଭାବ ମଧ୍ୟ ମୁହାଁଉଥିବା କୁହାଯାଉଛି।

## ବିପର୍ଯ୍ୟସ୍ତ ରାସ୍ତା ଯୋଗୁ ଆସିପାରିଲାନି ଆମ୍ବୁଲାନ୍ସ, ଭାରରେ ବୁହା ହେଲେ ରୋଗୀ

ମାଲକାନଗିରି,୩୦।୯(ପି.ଏନ): ବିପର୍ଯ୍ୟସ୍ତ ରାସ୍ତା ଯୋଗୁ ଆସିପାରିଲାନି ଆମ୍ବୁଲାନ୍ସ। ଭାରରେ ବୁହାହେଲେ ରୋଗୀ। ଅଭାବନୀୟ ଘଟଣାଟି ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ ନୂଆଗୁଡା ପଂଚାୟତର ରଥଗୁଡା ଗାଁରେ। ନୂଆଗୁଡା ପଞ୍ଚାୟତ ଅଧିନ ଆରଏସସି-୧୦କୁ ପାହାଡ଼ କାଟି ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ରାସ୍ତା ନିର୍ମାଣ ହୋଇଛି। ହେଲେ ଏ ପର୍ଯ୍ୟନ୍ତ କରାଯାଇନି ସେତୁ ନିର୍ମାଣ କାର୍ଯ୍ୟ। ଫଳରେ ଝରଣା ଦେଇ ଲୋକେ ଯିବା ଆସିବା କରୁଛନ୍ତି। ରାସ୍ତାର କାମ ସମ୍ପୂର୍ଣ୍ଣ ହୋଇନଥିବାରୁ ଗାଁ ଭିତରକୁ କୌଣସି ପ୍ରକାର ୪ ଚକିଆ ଗାଡି ଯିବାଆସିବ କରିପାରୁନି। ଯଦି କୌଣସି ଗ୍ରାମବାସୀଙ୍କ ଦେହ ଖରାପ ହୁଏ ତେବେ ବାଧ୍ୟ ହୋଇ ଷ୍ଟ୍ରେଚର କିମ୍ବା ଭାରରେ ରୋଗୀଙ୍କୁ ବୁହା ହୋଇ ମେଡିକାଲ ପର୍ଯ୍ୟନ୍ତ ନେବାକୁ ପଡେ। ରଥଗୁଡା ଗ୍ରାମର ଜଣେ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟବସ୍ଥା ଭୀଷଣ ଖରାପ ହୋଇଥିଲା। ଫଳରେ ତାଙ୍କୁ ମେଡିକାଲ ନେବା ବାଟରେ ଏପରି ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ତେବେ ତୁରନ୍ତ ଗ୍ରାମବାସୀ ଏଠାରେ ସେତୁ ନିର୍ମାଣ କରିବାକୁ ଦାବି କରିଛନ୍ତି।








# ଟି ଟାଇମ୍

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

## କାଳୀ ଚରଣ ପଟ୍ଟନାୟକ

ଓଡିଆ ନାଟ୍ୟକାର ଓ କବି ଥିଲେ। ସେ ୧୮୯୭ ଡିସେମ୍ବର ୩ ତାରିଖ, ବକୁଳ ଅମାବାସ୍ୟା ଦିନ ବାଙ୍କୀ ସହର ଉପକଣ୍ଠରେ ଥିବା ଖମାରଙ୍ଗା ଗ୍ରାମରେ ପିତା ଦୁର୍ଗାଚରଣ ପଟ୍ଟନାୟକ ଓ ମାତା ରାଧାମାଳୀ ଦେବୀଙ୍କଠାରୁ ଜନ୍ମ ଗ୍ରହଣ କରିଥିଲେ। ସେ ପିତାମାତାଙ୍କର ଦ୍ୱିତୀୟ ସନ୍ତାନ ଥିଲେ। କାଳୀଚରଣଙ୍କ ପିତା ବଡମ୍ବାଗଡର ଦେବାନ ଥିଲେ। କାଳୀଚରଣ ପାରମ୍ପରିକ ଲୀଳା ନାଟକ ପ୍ରଦର୍ଶନ କରି ନିଜର ନାଟ୍ୟକାର ଜୀବନ ଆରମ୍ଭ କରିଥିଲେ ୪ର୍ଥ ଦଶକ ଦେବଳକୁ ସେ ଆଧୁନିକ ମଞ୍ଚ ନାଟକ ଲେଖି ତାହାର ବିପଣନ କରିବା ଆରମ୍ଭ କରିଥିଲେ। ସେଥି ପାଇଁ ୧୯୨୯ ମସିହାରେ "ସାକ୍ଷୀଗୋପାଳନାଟକ ସଂଘ" ଓ ୧୯୩୯ରେ "ଓଡିଶା ଥିଏଟର୍ସ" ନାମରେ ଏକ ରଙ୍ଗମଂଚ ଗଠନ କରି ଓଡିଶା ନାଟକାଭିନୟ ଜଗତର ପ୍ରସାର ଓ ଉନ୍ନତି କରିଥିଲେ। ତାଙ୍କର ଜନପ୍ରିୟ ନଟକ ଗାର୍ଲ ସ୍କୁଲ (୧୯୩୯) ଓଡିଆ ମଞ୍ଚାଭିନୟରେ ନୂତନ ଯୁଗର ଆରମ୍ଭ କରିଥିଲେ। ତାଙ୍କୁ ଆଧୁନିକ ଓଡଆ ନାଟ୍ୟଶାସ୍ତ୍ରର 'ଭରତ ମୁନି' ବୋଲି ମଧ୍ୟ କୁହାଯାଏ। ତାଙ୍କ ପ୍ରଚେଷ୍ଟାରୁ ୧୯୫୮ ମସିହାରେ ଓଡିଶୀ ନୃତ୍ୟ ଶାସ୍ତ୍ରୀୟ ମର୍ଯ୍ୟାଦା ପାଇଥିଲେ। ସେଥି ପାଇଁ ସମସ୍ତ ଓଡିଶୀ ନାଟ୍ୟଗୁରୁ ଓ ନୃତ୍ୟଶିଳ୍ପୀମାନେ ତାଙ୍କୁ ମନେ ରଖିଛନ୍ତି। କାଳୀଚରଣ ତାଙ୍କର ପ୍ରାଥମିକ ଶିକ୍ଷା ଚର୍ଚ୍ଚିକା ପ୍ରାଥମିକ ବିଦ୍ୟାଳୟରେ ସମ୍ପନ୍ନ କରି ଖୋର୍ଦ୍ଧା ଉଚ୍ଚବିଦ୍ୟାଳୟରେ ମାଟ୍ରିକ ପଢ଼ିଥିଲେ। କଟକର ରେଭେନ୍ସା କଲେଜରୁ ସେ ଉଚ୍ଚତର ଶିକ୍ଷା ଗ୍ରହଣ କରିଥିଲେ। ଖୋର୍ଦ୍ଧା ସ୍କୁଲରେ ପଢୁଥିବା ସମୟରେ ସଙ୍ଗୀତ ନାଟକ ପ୍ରତି ଆସକ୍ତ କଳୀଚରଣ ପ୍ରଥମ ସଙ୍ଗୀତଜ୍ଞ ବାସୁଦେବ ମହାପାତ୍ର ଓ ପରେ ଓସ୍ତାଦ୍ ଖାନୁ ଖାଁ, ବନଓ୍ୱାରୀ ମିଶ୍ରଙ୍କ ଭଳି ବିଶାରଦଙ୍କଠାରୁ ଶାସ୍ତ୍ରୀୟ ସଂଗୀତ ଶିକ୍ଷା କରିଥିଲେ। ବାଙ୍କୀର ମହାପର୍ବତ ଦେଖି ମହାପର୍ବତ ନାମକ ଖଣ୍ଡକାବ୍ୟ ଓ କଳଙ୍କ ଭଂଜନମାଳା ନାଟକ ରଚନା କରିବା ପରେ ଶିକ୍ଷକ ପଣ୍ଡିତ କୃପାସିନ୍ଧୁ ହୋତାଙ୍କ ପ୍ରକୃତି ବର୍ଣ୍ଣନା ପାଇଁ ଉପଦେଶ ତାଙ୍କର ରଚନାତ୍ମକ ଦୃଷ୍ଟିଭଙ୍ଗୀରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିଥିଲା। ଗୋବିନ୍ଦଚନ୍ଦ୍ର ଶୂଦଦେଓଙ୍କ ସମ୍ପର୍କରେ ଆସି ତାଙ୍କର ନାଟକ ସୁଲଭତା ବିକଶିତ ହୋଇଥିଲା। ୧୯୧୮ ମସିହାରେ ଆଇ.ଏ ପଢ଼ିବାବେଳେ ସେ ପ୍ରଥମ ନାଟକ ଧ୍ରୁବ ରଚନା କରିଥିଲେ ମଧ୍ୟ ତାଙ୍କର ପ୍ରଥମ ସାମାଜିକ ନାଟକ ଥିଲା ୧୯୩୪ ମସିହାରେ ରଚିତ ପ୍ରତିଶେଶଧ। ପ୍ରାୟ ୪୦ ଟି ପୂର୍ଣ୍ଣାଙ୍ଗ ନାଟକ ସହିତ ସେ ରଚନା କରିଯାଇଛନ୍ତି ବହୁ ନୃତ ନାଟିକା, କାବ୍ୟ ନାଟିକା, ଗଳ୍ପ, ଉପନ୍ୟାସ, କବିତା ଆଦି ଅନେକ ଅନବଦ୍ୟ କୃତି।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ପୁରାଣ କାହାଣୀ

## ପଂଚବଟୀ ରେ ରାମଚନ୍ଦ୍ର

ଭାରତ ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ। ମାତ୍ର ରାମ ଭରତଙ୍କ ଅନୁରୋଧ ପ୍ରତ୍ୟାଖାନା କରିଥିଲେ। ରାମ, ସୀତା ଏବଂ ଲକ୍ଷ୍ମଣ ଏହି ବନବାସ ସମୟରେ ଗୋଦାବରୀ ନାଦୀ ତଟରେ ଗମନ କରି ପଞ୍ଚବଟୀ ଠାରେ ଏକ କୁଟୁର ନିର୍ମାଣ କରି ଅବସ୍ଥାନ କଲେ। ସେହି ସମୟରେ ଋଷିମୁନିମାନଙ୍କର ଅନୁରୋଧ କ୍ରମେ ସେମାନେ ଅନେକ ରାକ୍ଷ କୁ ବଧ କରିଥିଲେ। ବିରାଧ ରାକ୍ଷସ ଏମାନଙ୍କ ମଧ୍ୟରେ ପ୍ରଥମ ଥିଲା।



## ପତ୍ନୀ ଛାଡ଼ି ପଳାଇଲେ ଉପହାରରେ ମିଳୁଛି ଅବିବାହିତ ଝିଅ

ବେଜିଂ ଯଦି କୌଣସି ବ୍ୟକ୍ତିଙ୍କ ପତ୍ନୀ ତାଙ୍କୁ ଛାଡି ଅନ୍ୟ କାହା ସହ ଫେରାର ହୋଇଥାନ୍ତି ତେବେ ଏନେଇ ସ୍ୱାମୀଙ୍କୁ ଚିନ୍ତା କରିବାର ଆଉ ଆବଶ୍ୟକତା ନାହିଁ। କାରଣ ଏଭଳି ସ୍ୱାମୀଙ୍କୁ ଉପହାରରେ ଦିଆଯାଉଛି ଅବିବାହିତ ଝିଅ। ତା' ପୁଣି ପତ୍ନୀ ଛାଡି ପଳାଇବାର ୧ବର୍ଷ ଭିତରେ। ଚୀନର ଏକ ମ୍ୟାରେଜ ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଏହି ଅଫର ଦେଇଛି। ସୋସିଆଲ ମିଡିଆରେ ପ୍ରକାଶିତ ଖବର ଅନୁସାରେ ଚୀନର ଏକ ମ୍ୟାରେଜ



ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଉଲ୍ଲେଖ କରିଛି ଯେ ଯଦି କୌଣସି ଚୀନର ବ୍ୟକ୍ତି ଭିଏତନାମର ମହିଳାଙ୍କୁ ବିବାହ କରିଛନ୍ତି ଏବଂ ଏହି ମହିଳା ତାଙ୍କୁ ଛାଡି ଅନ୍ୟତ୍ର ଘର ବସାଉଛନ୍ତି ତେବେ ଏହାର ପ୍ରତିବଦଳରେ ଉକ୍ତ ବ୍ୟକ୍ତିଙ୍କୁ ଭିଏତ୍ନାମର ଜଣେ ଅବିବାହିତା କନ୍ୟାଙ୍କୁ ମାଗଣାରେ ବିବାହ କରିବାର ସୁବିଧା ପ୍ରଦାନ କରାଯିବ। ୧ବର୍ଷ ଭିତରେ ଏହି ସୁବିଧା ପ୍ରଦାନ କରାଯିବ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି।

## ସଉକ ପୂରା କରିବା ପାଇଁ ବିକିଦେଲେ ସମସ୍ତ ସମ୍ପତି

ଟେକ୍ସାସ୍ ସାଧାରଣତଃ ନିଜ ଘର ଓ ପରିବାରର ଆବଶ୍ୟକତା ପାଇଁ ଲୋକେ ଅର୍ଥ ସଂଚୟ କରିଥାନ୍ତି। ହେଲେ ଟେକସାସ୍ରେ ରହୁଥିବା ଜଣେ ଦମ୍ପତ୍ତି ନିଜର ଭ୍ରମଣ ସଉକ ପୂରା କରିବା ପାଇଁ ନିଜ ଘର ସହ ସମସ୍ତ ସମ୍ପତ୍ତିକୁ ବିକ୍ରି କରିଦେଇଛନ୍ତି। ଏହି ଦମ୍ପତ୍ତିଙ୍କର ମଧ୍ୟ ୫ଟି ସନ୍ତାନ ଅଛି। ଏହି ସ୍ୱାମୀ ସ୍ତ୍ରୀ ଜଣଙ୍କ ହେଉଛନ୍ତି ଷ୍ଟିଫେନ୍ ଏବଂ ଜୋର୍ଡାନ୍। ବର୍ତ୍ତମାନ ସେମାନେ ତୁର୍କୀ ଓ ଅଷ୍ଟ୍ରେଲିଆ ଟୁର୍



କରି ଫେରିଥିଲା ବେଳେ ଖୁବ୍ ଶୀଘ୍ର ଆଣ୍ଟାର୍କଟିକା, ନ୍ୟୁଜଲାଣ୍ଡ ଗସ୍ତରେ ଯିବାର ଯୋଜନାରେ ଅଛନ୍ତି। ପେଶାରେ ଓ୍ୱେବ ଡିଜାଇନର ଥିବା ଷ୍ଟିଫେନ୍ କୁହନ୍ତି ଯେ ମୋ ସ୍ୱାମୀ ଜୋଡାନ୍ଙ୍କର ଭ୍ରମଣ କରିବାର ବଡ଼ ସଉକ ରହିଛି। ସେ ମୋ ସହ ପିଲାମାନଙ୍କୁ ନେଇ ବିଭିନ୍ନ ଦେଶ ଭ୍ରମଣ କରୁଛନ୍ତି। ଏଥିପାଇଁ ଆମେ ଆମର ଘର ଓ ସମସ୍ତ ସମ୍ପତ୍ତି ବିକ୍ରି କରିଦେଇଛୁ। ତେବେ ଭ୍ରମଣ ପରେ ପୁଣି ଥରେ ନୂଆ ଘର ବସାଇବା ଯଦିଓ କଷ୍ଟକର ତଥାପି ଭ୍ରମଣ ସାରିବା ପରେ ହିଁ ଆମେ ଏ ସମ୍ପର୍କରେ ନିଷ୍ପତ୍ତି ନେଉ। ବିଶ୍ୱ ଭ୍ରମଣ ଦ୍ୱାରା ନୂଆ ଭାଷା, ନୂଆ ସଂସ୍କୃତି ସହ ଆମେ ଅବଗତ ହୋଇପାରୁଛୁ।

## ମହିଳା ଚପଲ ଉଠାଇବାରୁ ପଳାଇଲା କୁମ୍ଭୀର

ସିଡନୀ କୁମ୍ଭୀରଟିଏ ଦେଖିଲେ ଯେକୌଣସି ବ୍ୟକ୍ତିର ମନରେ ଭୟ ସୃଷ୍ଟି ହେବା ସ୍ୱାଭାବିକ। ହେଲେ ଅଷ୍ଟ୍ରେଲିଆର କକାଡୁ ନ୍ୟାସନାଲ ପାର୍କରେ ଏକ ଭିନ୍ନ ଘଟଣା ଦେଖିବାକୁ ମିଳିଛି। ଯେତେବେଳେ ଜଣେ ମହିଳା ଆକ୍ରମଣାତ୍ମକ ଆଭିମୁଖ୍ୟ ରଖିଥିବା ଏକ କୁମ୍ଭୀରକୁ ଚପଲ ଦେଖାଇଲେ ସେତେବେଳେ କୁମ୍ଭୀରଟି ହ୍ରଦ ଭିତରକୁ ପଳାଇଥିଲା। ମହିଳା ଜଣଙ୍କ ପାର୍କରେ ନିଜ କୁକୁର ସହ ବୁଲୁଥିଲା ବେଳେ ପାଖରେ ଥିବା



ଏକ ହ୍ରଦରୁ କିଛି କୁମ୍ଭୀର ତାଙ୍କୁ ଦେଖିବା ସହ ଆକ୍ରମଣ କରିବାର ପରିସ୍ଥିତିକୁ ଆସିଥିଲେ। ଏହାଦେଖି ମହିଳା ଜଣଙ୍କ ବିନା ଡରରେ ଚପଲ ଉଠାଇ ମାରିବାକୁ ଗୋଡାଇଥିଲେ କୁମ୍ଭୀରମାନଙ୍କୁ। ଆଉ କୁମ୍ଭୀରମାନେ ପଳାଇଥିଲେ ହ୍ରଦ ଭିତରକୁ। ଏହି ଘଟଣାଟି ପାର୍କରେ ଲାଗିଥିବା ସିସି ଟିଭି କ୍ୟାମେରାରେ କଏଦ ହୋଇଯାଇଥିଲା। ବର୍ତ୍ତମାନ ଏହି ଭିଡିଓ ସୋସିଆଲ ମିଡିଆରେ ବଡ଼ ଭାଇରାଲ ହୋଇଛି।

## ଚା'ପତି ବଦଳରେ କୀଟନାଶକ, ୨ମୃତ



ଭଭୁଆ ବିହାରର କେମୁ ଜିଲା କୁଡନି ଥାନାରେ ବିଷାକ୍ତ ଚା' ପିଇ ଦୁଇ ମହିଳାଙ୍କ ମୃତ୍ୟୁ ସହ ୬ଜଣ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସିତ ହେବା ଘଟଣାରେ ପ୍ରକୃତ ତଥ୍ୟ ପଦାକୁ ଆସିଛି। ଚା' ତିଆରି ସମୟରେ ଭୁଲ ବଶତଃ ଚା' ପତି ବଦଳରେ ପକାଯାଇଥିଲା କୀଟନାଶକ। ପୁଲିସର କହିବା ଅନୁସାରେ ସୋତବା ଗ୍ରାମର ଦଶବନ୍ତି ଦେବୀଙ୍କ ଘରକୁ ସୋମବାର କିଛି ଅତିଥି ଆସିଥିଲେ। ରାତ୍ର ଭୋଜନ ସରିବା ପରେ ସମସ୍ତଙ୍କ ପାଇଁ ଚା' ତିଆରି ହୋଇଥିଲା। ହେଲେ ରୋଷେଇ ଘରେ ଥିବା କୀଟନାଶକକୁ ଚା' ପତି ଭାବି ଜଣେ ମହିଳା ପକାଇ ଦେଇଥିଲେ। ଆଉ ଏହା ପିଇବା ପରେ ବିଳମ୍ବିତ ରାତିରେ ଦଶବନ୍ତି ଓ ତାଙ୍କ ଝିଅ ସୀତା କୁଅଁରଙ୍କ ମୃତ୍ୟୁ ହୋଇଥିଲା।

# ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତୃ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** – ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୱ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** – ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

## କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।




# ଆଲର୍ଜିର କାରଣ, ଲକ୍ଷଣ ଓ ପ୍ରତିକାର

ଆଲର୍ଜିକୁ ଅଧିକାଂଶ ଏକ ସାଧାରଣ ବେମାରି ବୋଲି ଭାବି ନେଇଥାନ୍ତି। ମାତ୍ର ବେଳେ ବେଳେ ଏହି ଆଲର୍ଜି ଶରୀରକୁ ଏଭଳି ଭାବରେ କ୍ଷତି ପହଞ୍ଚାଇଥାଏ ଯେ, ସେଥିରୁ ମୁକ୍ତି ପାଇବା ପାଇଁ ମଣିଷକୁ ନାକେଦମ ହେବାକୁ ପଡ଼ିଥାଏ। ତେବେ ଆଲର୍ଜିକୁ ସାମାନ୍ୟତମ ଅବହେଳା କଲେ ପରେ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥାଏ। ଏହି ଆଲର୍ଜି କେତେକ ବ୍ୟକ୍ତିଙ୍କ ନିକଟରେ ବାହ୍ୟ ପରିବର୍ତ୍ତନ ଯୋଗୁଁ ହେଉଥିବା ବେଳେ ଆଉ କେତେକଙ୍କ ପାଇଁ ଏହି ସମସ୍ୟା ବଂଶଗତ କାରଣରୁ



ଦେଖାଦେଇଥାଏ। ସାଧାରଣତଃ ଆଲର୍ଜି ହେଲେ ଚର୍ମରେ ଅସ୍ୱାଭାବିକ ପରିବର୍ତ୍ତନ ଦେଖାଯାଇଥାଏ। ଦେହ କୁଣ୍ଡାଇ ହୋଇଥାଏ। ବେଳେବେଳେ ଶରୀରରେ ବିରିବିରି ହୋଇ ଫଳି ମଧ୍ୟ ଯାଏ। ଏପରିକି ବାରମ୍ବାର କୁଣ୍ଡାଇ ହେବା ଫଳରେ ଶରୀରରେ ଖଣ୍ଡିଆ ହୋଇ ରକ୍ତ ବାହାରିଥାଏ, ଯାହା ବାସ୍ତବରେ ଖୁବ୍ ଯନ୍ତ୍ରଣାଦାୟକ। ବର୍ତ୍ତମାନ ପ୍ରଦୂଷିତ ପରିବେଶ ତଥା ନିର୍ଦ୍ଦିଷ୍ଟ କେତେକ ଜିନିଷପତ୍ର ପ୍ରତିକ୍ରିୟାଶୀଳ ହୋଇ ଅନେକଙ୍କ ଠାରେ ଆଲର୍ଜିର ସମସ୍ୟା ଦେଖାଦେଉଛି। ଆଲର୍ଜି ଠାରୁ ଦୂରେଇ ରହିବା ପାଇଁ ନିମ୍ନରେ ଦର୍ଶାଯାଇଥିବା କେତେକ ଦିଗ ପ୍ରତି ଧ୍ୟାନ ରଖିବା ନିତାନ୍ତ ଜରୁରୀ। ଏହାର କାରଣ ହେଉଛି ବିଶେଷକରି ଋତୁ ପରିବର୍ତ୍ତନରେ ଅନିୟମିତତା, ବଂଶାନୁଗତ କାରଣ, ପ୍ରତିକୂଳ ପରିବେଶ ଯୋଗୁଁ ସାଧାରଣତଃ ଆଲର୍ଜି ଦେଖାଦେଇଥାଏ। ବିଶେଷତଃ ଶୀତଦିନେ ବାୟୁମଣ୍ଡଳର ଶୁଷ୍କତା ଯୋଗୁଁ ଅଧିକାଂଶ ଲୋକଙ୍କର ଚର୍ମ ଆଲର୍ଜି ଦେଖାଯାଇଥାଏ। ଏତଦ୍ ବ୍ୟତୀତ ଧୂଳି, ଧୂଆଁ, ମାଟି ଓ ବେଳେବେଳେ ପୋଷା ଜୀବଙ୍କ ସଂସ୍ପର୍ଶରେ ଆସିଲେ ଆଲର୍ଜି ଭଳି ସମସ୍ୟାକୁ ସାମ୍ନା କରିବାକୁ ପଡ଼ିଥାଏ। ସମୟେ ସମୟେ ଏଲୋପାଥିକ ଔଷଧ ପ୍ରଭାବ କିମ୍ବା ବଜାରରେ ବିକ୍ରୟ କରାଯାଉଥିବା କିଛି ପ୍ରସାଧନ ସାମଗ୍ରୀର ବ୍ୟବହାର ଆଲର୍ଜିର କାରଣ ହୋଇଥାଏ।

ଏହାର ଲକ୍ଷଣ ହେଉଛି, ଥଣ୍ଡା ହେବା, ବାରମ୍ବାର ଥଣ୍ଡା ହେବା ଆଲର୍ଜିର ଏକ ମୁଖ୍ୟ ଲକ୍ଷଣ ବୋଲି କୁହାଯାଏ। ଏହି ଆଲର୍ଜି ହେଲେ ନାକ କୁଣ୍ଡାଇ ହେବା, ବାରମ୍ବାର ଛିଙ୍କ ହେବ, ନାକରୁ ପାଣି ଗଳିବା, ନିଃଶ୍ୱାସପ୍ରଶ୍ୱାସରେ କଷ୍ଟ ଅନୁଭବ ହୋଇଥାଏ।

**ଆଖିର ଆଲର୍ଜି:** କୌଣସି କାରଣବଶତଃ ଆଖିରେ ଆଲର୍ଜି ହେଲେ ଆଖି ଲାଲ ପଡ଼ିଯାଏ, ଆଖିରୁ ପାଣି ବୋହିଥାଏ। ଏଥିସହିତ ଆଖି ଭୀଷଣ ପୋଡ଼ାଜଳା ହେବା ସଙ୍ଗେ ସଙ୍ଗେ କୁଣ୍ଡାଇ ହୋଇଥାଏ। ଶ୍ୱାସ ପ୍ରଶ୍ୱାସ **ସମ୍ବନ୍ଧୀୟ ଆଲର୍ଜି:** ମଣିଷ ଶରୀରର ପ୍ରମୁଖ ଅଙ୍ଗ ଫୁସ୍ ଫୁସ୍‌ରେ ଆଲର୍ଜି ହେଲେ ନିଃଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ ହୋଇଥାଏ। ବାରମ୍ବାର କାଶ ହୋଇଥାଏ। ଏହି ଆଲର୍ଜି ଯଦି ବେଶୀ ଦିନ ଧରି ଲାଗି ରହେ ତେବେ ଶ୍ୱାସ ରୋଗ ହେବାର ଆଶଙ୍କା ସୃଷ୍ଟି ହୋଇଥାଏ।

**ଖାଦ୍ୟ ଆଲର୍ଜି :** ଖାଦ୍ୟପେୟରେ ଅନିୟମିତତା ବ୍ୟକ୍ତିଙ୍କ ଠାରେ ବିଭିନ୍ନ ପ୍ରକାର ସଂକ୍ରମଣ ଦେଖାଦେଇଥାଏ।

**ତ୍ୱଚା ଆଲର୍ଜି :** ସବୁ ପ୍ରକାର ଆଲର୍ଜି ମଧ୍ୟରେ ତ୍ୱଚା ଆଲର୍ଜି ବିଶେଷ ଯନ୍ତ୍ରଣାଦାୟକ। ବର୍ଷାଦିନେ ଅଧିକାଂଶ ବ୍ୟକ୍ତିଙ୍କ ଠାରେ ତ୍ୱଚା ଆଲର୍ଜି ଦେଖାଯାଇଥାଏ। ଏ ପ୍ରକାର ଆଲର୍ଜି ହେଲେ ଦେହ ବାରମ୍ବାର କୁଣ୍ଡାଇ ହୋଇ ଫଳିଯାଏ। ବାରମ୍ବାର କୁଣ୍ଡାଇ ହେବା ଦ୍ୱାରା ଶରୀରରେ ଖଣ୍ଡିଆ ହୋଇ ପ୍ରବଳ ରକ୍ତସ୍ରାବ ହୋଇଥାଏ। ସଂପୂର୍ଣ୍ଣ **ଶରୀର ଆଲର୍ଜି:** ବେଳେବେଳେ ଆଲର୍ଜି ହୋଇ ସଂପୂର୍ଣ୍ଣ ଶରୀରକୁ କ୍ଷତି ପହଞ୍ଚାଇ ଥାଏ। ଏହାଦ୍ୱାରା ବ୍ୟକ୍ତିଟି ଗମ୍ଭୀର ସମସ୍ୟା ଦେଇ ଗତି କରିଥାଏ। ଏଭଳି ସମସ୍ୟା ଦେଖାଦେଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଦରକାର। ଏଲୋପାଥିକ ଔଷଧ କିଛି ଏଲୋପାଥିକ ଔଷଧ ଯୋଗୁଁ ମଧ୍ୟ ଆଲର୍ଜି ହୋଇଥାଏ। ବେଳେବେଳେ ପେନ୍‌ସିଲିନ୍ ଇଞ୍ଜେକସନର ପ୍ରତିକ୍ରିୟା ଯୋଗୁଁ ଆଲର୍ଜି ହୋଇଥାଏ। ଏଭଳି ଆଲର୍ଜି ଯୋଗୁ ବ୍ୟକ୍ତିକୁ ମୃତ୍ୟୁର ସାମ୍ନା କରିବାକୁ ପଡ଼ିଥାଏ। ଏତଦ୍ ବ୍ୟତୀତ ପେନ୍‌କିଲର ଓ କେତେକ ଆଣ୍ଟିବାୟୋଟିକ ଔଷଧ ମଧ୍ୟ ଆଲର୍ଜିର କାରଣ ହୋଇଥାଏ। ମହୁମାଛି ଓ ବିରୁଡ଼ି କାମୁଡ଼ିବା ଦ୍ୱାରା ମଧ୍ୟ ଆଲର୍ଜି ହୋଇଥାଏ।

**ଆଲର୍ଜିର ପ୍ରତିକାର:** ଆଲର୍ଜିର ପ୍ରତିକାର ପାଇଁ କିଛି ଦିଗ ପ୍ରତି ବିଶେଷ ଧ୍ୟାନ ଦେବାକୁ ପଡ଼ିଥାଏ। କେଉଁ କାରଣ ଯୋଗୁଁ ଆପଣ ଆଲର୍ଜିର ଶିକାର ହେଉଛନ୍ତି ସେଥିପ୍ରତି ଧ୍ୟାନ ଦିଅନ୍ତୁ। ଘରର ଆଖପାଖ ସଫା ସୁତୁରା ରଖିବାକୁ ଚେଷ୍ଟା କରନ୍ତୁ। ଅଳିଆ ଆବର୍ଜନା ଜମା କରନ୍ତୁ ନାହିଁ। ଘର ଭିତରକୁ ବାହାରର ଖୋଲାପବନ ଯିବାକୁ ଦିଅନ୍ତୁ। ହଠାତ୍ ଥଣ୍ଡା ବାତାବରଣରୁ ଗରମ ବାତାବରଣ ଓ ଗରମ ବାତାବରଣରୁ ଥଣ୍ଡା ବାତାବରଣକୁ ଯାଆନ୍ତୁ ନାହିଁ। ଗାଡ଼ି ଚଳାଉଥିବା ସମୟରେ ମୁହଁରେ ରୁମାଲ ବାନ୍ଧନ୍ତୁ ଓ ଆଖିରେ କଳା ଚଷମା ପିନ୍ଧନ୍ତୁ। ଦୈନିକ ବ୍ୟବହାର କରୁଥିବା ତକିଆ ଖୋଳ, ବେଡ଼ସିଟ୍, କମ୍ବଳ ଓ ଚାଦର ଇତ୍ୟାଦିକୁ ସମୟ ସମୟେ ଗରମ ପାଣିରେ ଧୋଇ ଦିଅନ୍ତୁ। ଯେଉଁମାନଙ୍କୁ ଶ୍ୱାସପ୍ରଶ୍ୱାସ ସମ୍ବନ୍ଧୀୟ ଆଲର୍ଜି ରହିଛି ସେମାନେ ସକାଳୁ ଖାଲି ପେଟରେ ୧ ଚାମଚ ପାନ ପତ୍ର ରସ ସହିତ ୨ ଚାମଚ ଅଁଳା ରସ ଓ ୧ଚାମଚ ମହୁକୁ ମିଶ୍ରଣ କରି ଦୈନିକ ସେବନ କଲେ ସମସ୍ୟାରୁ ମୁକ୍ତି ମିଳିଥାଏ। ତ୍ୱଚା ଜନିତ ଆଲର୍ଜିର ଉପଚାର ପାଇଁ ପ୍ରତି ବର୍ଷ ମାର୍ଚ୍ଚ ଓ ଅପ୍ରେଲ ମାସରେ ହେଉଥିବା ନିମ୍ବକଢ଼ ଖାଆନ୍ତୁ। ୧୫ରୁ ୨୦ଟି ନିମ୍ବକଢ଼ ସହିତ କଳାମରିଚ ମିଶାଇ ଚୋବାଇ ଖାଆନ୍ତୁ। ଏତଦ୍‌ବ୍ୟତୀତ ହରିଡ଼ା ଖଣ୍ଡ ମଧ୍ୟ ତ୍ୱଚା ପାଇଁ ଅତ୍ୟନ୍ତ ଉପଯୋଗୀ। ଆୟୁର୍ବେଦିକ ଚିକିତ୍ସକଙ୍କ ପରାମର୍ଶରେ ଏହାକୁ ଆପଣ ବ୍ୟବହାର କରିପାରିବେ। ମନେରଖନ୍ତୁ ସମସ୍ତ ଚିକିତ୍ସାଗତ କ୍ଷେତ୍ରରେ ସରକାରୀ ବ୍ୟବସ୍ଥାର ସୁଯୋଗ ନେବା ଜରୁରୀ। ସ୍ୱାସ୍ଥ୍ୟଗତ ସମସ୍ୟା ହେଉ ବା ଆଲର୍ଜି ସରକାରଙ୍କ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ର, ଜିଲ୍ଲା ଡାକ୍ତରଖାନା, ବଡ଼ଡାକ୍ତରଖାନାର ଚିକିତ୍ସକ ଓ ଚିକିତ୍ସା ସହାୟକଙ୍କ ସୁଯୋଗ ନିଅନ୍ତୁ। କୌଣସି ପରିସ୍ଥିତିରେ ତୁଟୁକା ବା ଗୁଣିଗାରେଡ଼ି ବିଶ୍ୱାସ ରଖନ୍ତୁ ନାହିଁ।

**ସାରଦାପ୍ରସନ୍ନ ବେହେରା**
**ଭେଷଜ ତତ୍ତ୍ୱାବଧାରକ, ବିରଜା ରାୟ କଲୋନୀ, କ୍ୱାଟର ନଂ- ୪, ଯୋବ୍ରା, କଟକ, ଦୂରଭାଷ : ୭୫୩୮୦୧୭୨୪୬**

# ଆମକୁ ଆହୁରି ଆଗେଇବାକୁ ହେବ !

ଇତିମଧ୍ୟରେ ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଧୂମ୍‌ଧାମ୍‌ରେ ପାଳିତ ହୋଇଯାଇଛି। ଏଥି ସହିତ ସ୍ୱାଧୀନତାର ଅମୃତ ମହୋତ୍ସବ ପାଳିତ ହେବା ସହ ହର ଘର ତିରଙ୍ଗା କାର୍ଯ୍ୟକ୍ରମ ସାଧାରଣ ଜନତା ମଧ୍ୟରେ ନୂତନ ଉନ୍ମାଦନା ସୃଷ୍ଟି କରିଛି। ଏହା ପ୍ରଧାନମନ୍ତ୍ରୀଙ୍କର ଏକ ଅଭିନବ ପଦକ୍ଷେପ କହିଲେ ଭୁଲ୍ ହେବ ନାହିଁ। ଏହି ଅବସରରେ ଆସନ୍ତା ୨୫ବର୍ଷ ଆମ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ସେହିପରି ଏକ ବିକଶିତ ଆଡ଼କୁ ଆମକୁ ଅଗ୍ରସର ହେବାକୁ ପଡ଼ିବ ବୋଲି କହିବା ସହିତ ଦୁର୍ନୀତି ଏକ ଆବର୍ଜନା, ଏହା ହଟିବା ଜରୁରୀ ବୋଲି ସେ ପୁଣି ଉଦ୍‌ବୋଧନ ଦେଇ କହିଛନ୍ତି। ବାସ୍ତବରେ ଦେଖିବାକୁ ଗଲେ ଦୁର୍ନୀତି ଆମ ପ୍ରଗତିର ପ୍ରଧାନ ପ୍ରତିବନ୍ଧକ ରୂପେ ଉଭା ହୋଇଛି। ତେଣୁ ଏକ ବିକଶିତ ଭାରତ ପାଇଁ ସହଭାଗିତା ସହ ସମସ୍ତ ନାଗରିକମାନଙ୍କର ସାହାଯ୍ୟ ଓ ସହଯୋଗ ଲୋଡ଼ା। ଏଥିପାଇଁ ନିରନ୍ତ ପ୍ରୟାସର ଆବଶ୍ୟକତା ରହିଛି। ଅଗଣିତ ସଂଗ୍ରାମୀମାନଙ୍କର ବଳିଦାନ, ରକ୍ତକ୍ଷୟୀ ସଂଗ୍ରାମ ଓ ଐକାନ୍ତିକ ପ୍ରଚେଷ୍ଟା ବଳରେ ଆମେ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ବହୁ ପ୍ରତୀକ୍ଷିତ ସ୍ୱାଧୀନତା ପାଇଲୁ । ଏବେ ଦେଶ ସ୍ୱାଧୀନ ହେବାର ୭୫ ବର୍ଷ ପୂର୍ଣ୍ଣ ହୋଇ ୭୬ ବର୍ଷରେ ପଦାର୍ପଣ କରିଛି। ଏହି ସମୟ ମଧ୍ୟରେ ଆମେ ଅଧିକାଂଶ କ୍ଷେତ୍ରରେ ସଫଳତା ହାସଲ କରିଛୁ; ମାତ୍ର ଏପରି ଅନେକ କ୍ଷେତ୍ର ଅଛି; ଯେଉଁଠି ଆମେ ପଛରେ ପଡିଯାଇଛୁ।

ଏହି ସମୟ ମଧ୍ୟରେ ଭାରତ ଏକ ସାର୍ବଭୌମ, ଧର୍ମନିରପେକ୍ଷ, ସମାଜବାଦୀ ଓ ଗଣତାନ୍ତ୍ରିକ ରାଷ୍ଟ୍ର ହିସାବରେ ସମଗ୍ର ବିଶ୍ୱରେ ନିଜ ପାଇଁ ନିଆରା ପରିଚୟ ସୃଷ୍ଟି କରିପାରିଛି। ଏହା ଆମ ପାଇଁ ଗୌରବର ବିଷୟ। ସେହିପରି ଦୀର୍ଘ ସାତ ଦଶନ୍ଧି ଧରି ଆମେ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ଆମକୁ ଶାସନକରି ଚାଲିଛୁ। ବିଭିନ୍ନ ପଞ୍ଚବାର୍ଷିକ ଯୋଜନାରେ ଆମେ ଆମର ଈପ୍ସିତ ଲକ୍ଷ୍ୟକୁ ଅନେକାଂଶରେ ପୂରଣ କରି ଗୋଟିଏ ପରେ ଗୋଟିଏ ସଫଳତା ହାସଲ କରି ଚାଲିଛୁ। ସବୁଜ ବିପ୍ଳବ ପରେ ଏ ଦେଶ ଖାଦ୍ୟ ଉତ୍ପାଦନରେ ଆତ୍ମନିର୍ଭରଶୀଳ ହୋଇପାରିଛି। ଶ୍ୱେତ ବିପ୍ଳବ ଯୋଗୁ ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ମିଳିଛି। ସ୍ୱାଧୀନତା ପୂର୍ବରୁ ଯେଉଁ ଦେଶରେ ପିନ୍‌କଣ୍ଟାଟିଏ ଉତ୍ପାଦନ ହୋଇପାରୁ ନଥିଲା ସେ ଦେଶ ଆଜି ବିଜ୍ଞାନ. ପ୍ରଯୁକ୍ତିବିଦ୍ୟା ଓ କାରିଗରୀରେ ବିଶ୍ୱର ଗୋଟିଏ ଆଗ ଧାଡିର ଦେଶ । ଖାଲି ସେତିକି ନୁହେଁ, ଏହି ସମୟ ଭିତରେ ଭାରତର ଚେହେରା ବଦଳିଛି ଚିହ୍ନି ନହେଲା ପରି। ଅର୍ଥନୈତିକ ସଂସ୍କାର, ଟେଲିକମ୍ ବିପ୍ଳବ, ମହାକାଶ ମାନ୍ୟତା. ସଫ୍ଟଓ୍ୱାର ମହାଶକ୍ତି ଭାବେ ନୂଆ ପରିଚିତି ଆଜି ଏ ରାଷ୍ଟ୍ରକୁ ସଫଳ ଓ ସଶକ୍ତ ରାଷ୍ଟ୍ରର ମର୍ଯ୍ୟାଦା ଦେଇଛି। ଶିଳ୍ପକ୍ଷେତ୍ରରେ ଆଶାନୁରୂପ ପ୍ରଗତି ହାସଲ ହୋଇଛି । ଦେଶର ଜନସଂଖ୍ୟା ୩୬ କୋଟିରୁ ଆସି ୧୩୯ କୋଟିରେ ପହଞ୍ଚିଲାଣି। ଏହି ସମୟ ମଧ୍ୟରେ ଆମର ସାକ୍ଷରତା ହାର ୧୮ ପ୍ରତିଶତରୁ ୭୪ ପ୍ରତିଶତକୁ ବୃଦ୍ଧି ପାଇଛି। ଦେଶର ଅଭିବୃଦ୍ଧି ହାର ୩ ପ୍ରତିଶତରୁ ୮ ପ୍ରତିଶତକୁ ବୃଦ୍ଧି ପାଇଛି। ସେହିପରି ଭାରତୀୟଙ୍କ ହାରାହାରି ପରମାୟୁ ୩୩ ବର୍ଷରୁ ୬୫ ବର୍ଷକୁ ବୃଦ୍ଧି ପାଇଛି। ବହୁ ଘାତ ପ୍ରତିଘାତ ମଧ୍ୟରେ ଏସବୁ ସଫଳତା ଭାରତକୁ ବିକାଶଶୀଳ ରାଷ୍ଟ୍ରର ମାନ୍ୟତା ଦେଇଛି।

ଏସବୁ ସଫଳତା ସତ୍ତ୍ୱେ ବାହାରେ ଯେଉଁ ଅନାଲୋଚିତ ଦିଗ ଅଛି ତାହା ହେଉଛି ଏବେବି ଭାରତରେ ରହୁଛନ୍ତି ପ୍ରାୟ ୩୫କୋଟି ନିରକ୍ଷର, ୨୬କୋଟି ଦାରିଦ୍ର୍ୟ ସୀମାରେଖା ତଳେ ଓ ଅପପୁଷ୍ଟିର ଶିକାର ହେଉଥିବା ୪୨ ପ୍ରତିଶତ ଶିଶୁ। ଏଥିସହିତ ସମସ୍ତଙ୍କୁ ଖାଦ୍ୟ, ବାସଗୃହ, ସ୍ୱାସ୍ଥ୍ୟସେବା, ବିଜୁଳି, ସଡକ, ଓ ପାନୀୟ ଜଳ ଯୋଗାଇବାରେ ମଧ୍ୟ ଆମେ ବିଫଳ ହୋଇଛୁ। ସେହିପରି ଶିଶୁ ଓ ମାତୃ ମୃତ୍ୟୁ ହାର ହ୍ରାସ ଲକ୍ଷ୍ୟ ପୂରଣ କରିବାରେ ଆମର ସ୍ଥିତି ସନ୍ତୋଷଜନକ ନୁହେଁ। ଏପରିକି ସମଗ୍ର ବିଶ୍ୱ ଅପେକ୍ଷା ଭାରତରେ ଭୋକିଲା ଲୋକଙ୍କ ସଂଖ୍ୟା ଅଧିକ। ଏହାର ମୂଳ କାରଣ ହେଉଛି ଦୁର୍ନୀତି । ବିଡମ୍ବନା ହେଲା ଯେ ଏହି ଦୁର୍ନୀତିର ପରିମାଣ କମୁନି; ବରଂ ବର୍ଷକୁ ବର୍ଷ ବଢିବାରେ ଲାଗିଛି। ୧୯୪୮ ମସିହା ଜିପ୍ କିଣା ଦୁର୍ନୀତିଠାରୁ ଆରମ୍ଭ କରି ୨୦୧୧ ମସିହା ଆଦର୍ଶ ହାଉସିଂ ପର୍ଯ୍ୟନ୍ତ ସବୁଠି ଦୁର୍ନୀତି କାୟା ବିସ୍ତାର କରି ଚାଲିଛି। ଏବେ ପୁଣି ଚର୍ଚ୍ଚାକୁ ଆସିଥିଲା ବହୁଚର୍ଚ୍ଚିତ ବ୍ୟାପମ୍ ଦୁର୍ନୀତି। ଖାଲି ସେତିକି ନୁହେଁ, ସବୁଠାରୁ ବଡ ସମସ୍ୟା ହେଉଛି ଆମ ସଂସଦୀୟ ବ୍ୟବସ୍ଥା ଭିତରକୁ ପଶିଆସୁଛନ୍ତି ଅପରାଧ ପୃଷ୍ଠଭୂମି ଥିବା ଲୋକମାନେ। ଏହା ଆମ ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ।

ସ୍ୱାଧୀନତାର ଅର୍ଥ କେବଳ ଏକଛତ୍ରବାଦ ଶାସକ ବା ବିଦେଶୀଙ୍କ କବଳରୁ ମୁକ୍ତି ନୁହେଁ; ବରଂ ଜନକଲ୍ୟାଣ ଶାସନ ପଦ୍ଧତି ଦ୍ୱାରା ସାଧାରଣ ଲୋକଙ୍କୁ ବଞ୍ଚିବାର ମୌଳିକ ଆବଶ୍ୟକତା ଯୋଗାଇଦେବା । ସେ ସ୍ୱପ୍ନ ଆଜି ସୁଦୂର ପରାହତ । ବିଶ୍ୱ କ୍ଷୁଧା ସୂଚକାଙ୍କ ରିପୋର୍ଟ ଅନୁସାରେ ବିଶ୍ୱର ୮୦ଟି ବିକାଶମୁଖୀ ଦେଶମାନଙ୍କ ମଧ୍ୟରୁ ଆମ ଦେଶର ସ୍ଥାନ ହେଉଛି ୬୭ତମ । ସମ୍ପ୍ରତି ପ୍ରାୟ ୧୩୯ କୋଟି ଲୋକଙ୍କ ମଧ୍ୟରୁ ୧୯ ପ୍ରତିଶତ ଲୋକ କ୍ଷୁଧାର୍ତ୍ତ ତାଲିକାରେ ଅଛନ୍ତି । ୪୨ ପ୍ରତିଶତ ଶିଶୁଙ୍କ ଓଜନ ସ୍ୱାଭାବିକ ଓଜନଠାରୁ କମ୍ । ୭ ପ୍ରତିଶତ ଶିଶୁ ଜନ୍ମର ୫ ବର୍ଷ ମଧ୍ୟରେ ମୃତ୍ୟୁବରଣ କରିଥାନ୍ତି । ଦିନକୁ ଦିନ ଆମ ମା-ଭଉଣୀମାନେ ଅସୁରକ୍ଷିତ ଅବସ୍ଥା ଭିତରକୁ ଠେଲି ହୋଇଯାଉଛନ୍ତି । ଦିଲ୍ଲୀଠାରୁ ପଲ୍ଲୀ ପର୍ଯ୍ୟନ୍ତ ସବୁଠି ଦୁଷ୍କର୍ମର ଏକ ଲମ୍ବା ତାଲିକା । ଏବେବି ବିଶ୍ୱର ଅର୍ଦ୍ଧାଧିକ ନିରକ୍ଷର ଲୋକ ସ୍ୱାଧୀନ ଭାରତରେ ଅଛନ୍ତି । ଦୁର୍ନୀତି କଥା ନ କହିବା ଭଲ । ହଜାର ହଜାର ଲୋକ ଆଜିବି ଦାଦନ ଖଟୁଛନ୍ତି । ୫୪ କୋଟି ଯୁବକମାନଙ୍କ ଦେଶ ଭାରତରେ ନିଯୁକ୍ତି ନପାଇ ଜନସଂଖ୍ୟାର ଏକ ବଡ ଭାଗ ବାହାରେ ଶୁଣ୍ଠିପିଣ୍ଡା ହେଉଛନ୍ତି । ଜାତି ଧର୍ମ ନାମରେ ସାଂପ୍ରଦାୟିକ ଦଙ୍ଗା ଦେଶର ବିଭିନ୍ନ ସ୍ଥାନରେ ଘଟୁଛି । ସ୍ୱାଧୀନତାର ସାତ ଦଶନ୍ଧି ପରେ ସବୁ ଲୋକଙ୍କୁ ଦୁଇଓଳି ପେଟପୁରା ଆହାର ମିଳିଲା ନାହିଁ କି ସବୁ ଶିଶୁ ବିଦ୍ୟାଳୟ ଦୁଆରମୁହଁ ମାଡ଼ି ପାରିଲେନି । ଏହାହିଁ କ୍ଷୋଭର ବିଷୟ ।

ଏବେ ଆତ୍ମସମୀକ୍ଷା କରିବାର ବେଳ ଆସିଛି । ଗୋଟିଏ ଦେଶପାଇଁ ୭୫ ବର୍ଷ କିଛି କମ୍ ନୁହେଁ। ଆମ ପରେ ସ୍ୱାଧୀନତା ପାଇଥିବା ବହୁ ଛୋଟଛୋଟ ଦେଶ ଆଜି ସବୁ କ୍ଷେତ୍ରରେ ଆମଠାରୁ ବହୁ ଆଗରେ। କିନ୍ତୁ ଆମେ ବହୁ ପଛରେ ପଡିଛୁ। ଅଦ୍ୟାବଧି ଆମ ଜନସଂଖ୍ୟାର ୬୮.୮ ପ୍ରତିଶତ ଲୋକ ଗ୍ରାମାଞ୍ଚଳରେ ବାସ କରୁଥିବା ବେଳେ ସହରାଞ୍ଚଳରେ ମାତ୍ର ୩୧.୨ ଭାଗ ଲୋକ ବାସ କରନ୍ତି । କିନ୍ତୁ ଅନ୍ୟାନ୍ୟ ବିକଶିତ ଦେଶ ଇଂଲଣ୍ଡରେ ସହରାଞ୍ଚଳରେ ୮୦ ପ୍ରତିଶତ, ଯୁକ୍ତରାଷ୍ଟ୍ର ଆମେରିକାରେ ୭୪ ପ୍ରତିଶତ, ଜାପାନରେ ୭୮ ପ୍ରତିଶତ ଲୋକ ଓ ଦକ୍ଷିଣ କୋରିଆରେ ପ୍ରାୟ ୮୩ ପ୍ରତିଶତ ଲୋକ ସହରାଞ୍ଚଳରେ ବାସ କରନ୍ତି। ଏହାର ପ୍ରମୁଖ କାରଣ ହେଉଛି ଆମ ଦେଶ କୃଷିପ୍ରଧାନ ହୋଇଥିବା ବେଳେ ଏସବୁ ଦେଶ ଶିଳ୍ପପ୍ରଧାନ। ସେଥିପାଇଁ ଆମ ମୁଣ୍ଡପିଛା ଆୟଠାରୁ ସେମାନଙ୍କର ମୁଣ୍ଡପିଛା ଆୟ ବହୁ ଉଚ୍ଚରେ। ଏପରିକି ସେମାନଙ୍କର ଜୀବନଧାରଣର ମାନ ଆମଠାରୁ ବହୁତ ଉନ୍ନତ। ତେଣୁ ଆମ ଦେଶ ବିକାଶମୁଖୀ ଦେଶ ରୂପେ ପରିଗଣିତ। ବିକଶିତ ଦେଶ ହେବା ପାଇଁ ଆମକୁ ଆହୁରି ଅନେକ ବାଟ ଯିବାକୁ ହେବ। ଗୋଟିଏ ପଟେ ସୁପରପାୱାର ସ୍ୱପ୍ନ ଆମେ ଦେଖୁଥିବାବେଳେ ଅନ୍ୟପଟେ ଦୁର୍ନୀତି, ଭ୍ରଷ୍ଟାଚାର, ଦାରିଦ୍ର୍ୟ, ବେକାରୀ ଓ ନିରକ୍ଷରତା ଭଳି ସମସ୍ୟା ଆମ ପ୍ରଗତି ପଥରେ ପ୍ରତିବନ୍ଧକ ସାଜିଛି । ପରିଣାମସ୍ୱରୂପ, ସ୍ୱାଧୀନତାର ସାତ ଦଶନ୍ଧି ପରେ ବି ଆମ ଦେଶ ଅବିକଶିତ ଦେଶ ହୋଇ ରହିଛି। ଏହାହିଁ କ୍ଷୋଭର ବିଷୟ।

## ଲର୍ଜି ମଧ୍ୟରେ ତ୍ୱଚା ଆଲର୍ଜି ବିଶେଷ ଯନ୍ତ୍ରଣାଦାୟକ



ଖପ୍ରାଖୋଲ,(ପିଏନ): ଖପ୍ରାଖୋଲ ବ୍ଲକ୍ ଧଣ୍ଡାମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରେ ଶିକ୍ଷଣୀୟ କେନ୍ଦ୍ର ର ରାଜ୍ୟସ୍ତରୀୟ ଲୋକାର୍ପଣ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। କୋଭିଡ ପରେ ଶିକ୍ଷଣୀୟ ମୂଲ୍ୟ ବୋଧ ର ଅଭିବୃଦ୍ଧି ପାଇଁ ଏଚ୍ ଡି ଏଫ୍ ସି ବ୍ୟାଙ୍କ୍ ଓ ଇଣ୍ଡିଆ ଆମେରିକାନ ଫାଉଣ୍ଡେସନ ର ମିଳିତ ଉଦ୍ୟମ ରେ ଅଧା ରେ ପାଠ ଛାଡୁଥିବା ପିଲାଙ୍କ ସଂଖ୍ୟା ବୃଦ୍ଧି ପାଇଁ ବ୍ଲକ୍ ତଥା ଜିଲ୍ଲା ର ବିଦ୍ୟାଳୟ ପିଲାଙ୍କୁ ଆକୃଷ୍ଟ କରିବା କୁ ଶିକ୍ଷଣୀୟ କେନ୍ଦ୍ର ମାନ ଆରମ୍ଭ ହୋଇଥିବା ବେଳେ ତାର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଥିଲା।

## ଦିଲ୍ଲୀ କା ଲଡ୍ଡୁ...

ଭୁବନେଶ୍ୱରର ସବୁଠାରୁ ଦାମୀ ଆପାର୍ଟମେଣ୍ଟରେ ଘର ମୋର । ମୋ ସ୍ୱାମୀ ଜଣାଶୁଣା ଡାକ୍ତର ଥିଲେ । ସେ ଚାଲିଯିବା ଦଶ ବର୍ଷ ହେଲାଣି କିନ୍ତୁ ଆମର ପିଲା ଛୁଆ ନଥାଇ ବି, ଡାକ୍ତର ପାତ୍ର ମୋ ଭବିଷ୍ୟତ ସୁରକ୍ଷିତ କରିବାରେ କେତେ ଯେ ନିପୁଣ ମୁଁ ଏବେ ବି ଭାବି ଆଶ୍ଚର୍ଯ୍ୟ ହୁଏ । ମୁଁ ତାଙ୍କ ଦୁର ସମ୍ପର୍କୀୟ ହେବି, ପାରିବାରିକ ଉତ୍ସବରେ ଦେଖା ଆଉ ମୋର ଗ୍ରାଜୁଏସନ ସରୁ ସରୁ କି ବାହାଘର । ଡାକ୍ତର ଜ୍ୱାଇଁ ତ ଘରେ କାହାର କିଛି ଆପତି ବି ନଥିଲା । ମୁଁ ଯେମିତି ଗୋଟିଏ ଝିଅ ସେ ବି ବାପା-ମା' ଙ୍କର ଗୋଟିଏ ପୁଅ । ବାହାଘର ବହୁ ବର୍ଷ ଆମେ କେତେ ଡାକ୍ତର ପାଖକୁ ଯାଇଥିଲୁ ପିଲାଟେ ଲାଗି । ସେ ମତେ ବହୁଥର କହୁଥିଲେ ଅନାଥ ଆଶ୍ରମରୁ ପିଲାଟେ ଆଣିଲେ ହୁଅନ୍ତାନି ! ମୁଁ କିନ୍ତୁ ଜମା ରାଜି ହୁଏନା, ତାଙ୍କୁ ଡରାଏ ଦେଖୁନ ଆମ ବାପା-ମା ଅନ୍ତେ କିଏ ଅଛି ଆମ ସୁଖ ଦୁଃଖରେ ଠିଆ ହେବାକୁ । ଆମେ ତ ଆସି ପଇଁଚାଳିଶ ଡେଇଁଲେଣି ପିଲାଟେ ଆଣି ବଡ କରିଥିବା କି ନାହିଁ ଜୀବନ ସରିବ ଆଉ ନିଜ ପିଲା ନିଜର, ପରକୁ ଯେତେ ଆପଣା କଲେ ସେ କ'ଣ କେବେ ଆମର ହେବ ! ତା'ପରେ ସେ ତାଙ୍କ କ୍ଲିନିକ୍ ଆଉ ମୁଁ ଆମ ସୋସାଇଟି ସେକ୍ରେଟାରୀ ଭାବେ କିଟି ପାର୍ଟି, ଗେଟ୍ ଟୁଗେଦରରେ ବ୍ୟସ୍ତ । ହଠାତ୍ ସବୁଥିରେ ନିଜକୁ ମ୍ୟାନେଜ କରି ଖୁସି ରହୁଥିବା ବେଳେ ହାର୍ଟ ଆଟାକ୍‌ରେ ସେ ଚାଲିଗଲେ । କେତେ କ'ଣ ପଲିସି ମାନ କରି ଯାଇଥିଲେ ଯେ ମତେ ଚଳିବା ଲାଗି ଅଭାବ ନଥିଲା । ବାସ୍ ବୟସ ବଢ଼ିବା ସହ ସୋସାଇଟ୍‌ର ଲୋକମାନେ ବି ଯେଝା ପିଲା ନାତି କାମରେ ବ୍ୟସ୍ତ ରହୁଥିଲେ । ଆଉ ମୁଁ ଏକୁଟିଆ ଘଣ୍ଟା ଘଣ୍ଟା ସୁଇମିଙ୍ଗ୍ ପୁଲ୍ ପାଖେ ଏକଲା ବସି ଦେଖେ, ସେ ପାଖ କରି ବାବୁଙ୍କ ସ୍ତ୍ରୀ ଆଣ୍ଠୁ ଖରାପ ତଥାପି ଦୁଇ ନାତିଙ୍କୁ ଜଗି ବସନ୍ତି ସେମାନେ ପାଣିରେ ଖେଳିଲା ବେଳେ । ଆଉ ମୁଁ ସୁଲୁସୁଲିଆ ପବନ ଖାଇ ମୋବାଇଲ୍‌ରେ ଖେଳୁଥାଏ, କଣେଇ କଣେଇ ଦେଖେ । ସେ କର ବାବୁ ସ୍ତ୍ରୀ ବି ମତେ ଚାହୁଁଥାନ୍ତି । ସେ ମୋ ଭାଗ୍ୟକୁ ଜଳୁଥିବେ..... ଘର କାମ ଲାଗି କାମବାଲିଟେ ଆସେ । ସେ ଆସିଲେ ତାକୁ କପେ ଚା ଦେଇ ମୁଁ ପିଏ । ତାକୁ ପଚାରିଲି ଆରେ ରାନୁ ସେ କର ବାବୁଙ୍କ ଘରୁ କ'ଣ ଏତେ ପାଟି ଶୁଭୁଥିଲା । ସେ କହିଲା ନା' ମ ମା' ତାଙ୍କ ବହୁ, ନାତି ଆଜି କର ମାଉସୀ ଜନ୍ମଦିନ ବୋଲି ତାଙ୍କୁ ନ ଜଣେଇ ଘର ସଜେଇ, କେକ୍ ଆଣି ହଠାତ୍ ସରପ୍ରାଇଜ୍ କଲେ ତ ସେଇ ଖୁସି ଗପ ଶୁଣିଥିବେ । ମନଟା ପିତା ହେଇଗଲା, ଭାବିଲି ମୋ ଜନ୍ମଦିନଟା କେବେ ତ ମନେ ବି ପଡୁନି । ମୋର ବା କିଏ ଅଛି ଯେ ମତେ ଖୁସି କରିବାକୁ ଯୋଜନା ମାନ କରିବ । ରାନୁ କହିଲା ମା' କ'ଣ ଭାବୁଛ ଯେ, ଚା' ପିଉନ । ମୁଁ ଦୀର୍ଘ ନିଶ୍ୱାସଟେ ପକେଇ କହିଲି ନା'ରେ କର ମାଡାମ୍‌ଙ୍କ ଭାଗ୍ୟ ସେ ଏ ପରିଣତ ବୟସରେ ଏତେ ସୁଖ ପାଉଛନ୍ତି । ରାନୁ ନ ଶୁଣିଲା ପରି ଘର ଝାଡୁ କରିବାରେ ଲାଗି ପଡିଥିଲା, ରାତି ରୋଷେଇ କରି ଟେବୁଲରେ ରଖି ରାନୁ ପଳେଇଲା । ଆଉ ମୁଁ ଟି.ଭି. ଆଗରେ ବସିଲି । ମନ ବୁଝେଇବାକୁ ବାଲ୍‌କୋନିକୁ ଯାଇ ଆଖ ପାଖ ଘର ବାଲକୋନିକୁ ନଜର ପକେଇଲି । ବିଶ୍ୱାଳ ବାବୁଙ୍କ ବାଲ୍‌କୋନିରେ ତାଙ୍କ ନାତୁଣୀ ବାଲ୍‌ଟିରୁ ଲୁଗା କାଢ଼ି ଦଉଛି ଆଉ ବିଶ୍ୱାଳ ବାବୁ ତାରରେ ପକାଉଥିଲେ, ଆଉ ଟିକେ ଆଖି ବୁଲେଇଲା ବେଳକୁ ଠିକ୍ ମୋ ଡାହାଣ ପଟ ସୁଜାତା ଆଉ ତା' ଶାଶୁ ବାଲ୍‌କୋନିରେ ବସିଥିଲେ । ସୁଜାତା ବୋଧେ ମୋବାଇଲ୍ ଘାଣ୍ଟୁଥିଲା ଆଉ ତା' ଶାଶୁ ଅଟା ଚକଟୁଥିଲେ । ମନେ ମନେ ଭାବିଲି ମୋର ଏତେ ଟଙ୍କା ପଇସା, ଘର ହେଲେ କଥା ପଦେ ହେବାକୁ କେହି ନାହିଁ । ଆମ ବାପା-ବୋଉ ଗୋଟେ ପିଲାରେ ଖୁସି ହେଲେ ଆଗରୁ ପାଞ୍ଚ-ସାତ ପିଲା କେତେ ଭଲ ... ଏ ପ୍ରାପ୍ତ ବୟସରେ କେହି ନା କେହି ତ ସାଥୀରେ ଥାଆନ୍ତା । ସୁଜାତା ଶାଶୁଙ୍କର ଆଖି ମୋ ଆଖିରେ ପଡିଗଲା । ମୁଁ ଭାରି ଲଜ୍ୟ ଅନୁଭବ କଲି କି ଏମିତି ଯା ତା ଘର ଆଡେ ଏ ବୟସରେ ଛି ! ଛି ! ସେ କ'ଣ ଭାବିଥିବେ । ଆଉ ସେ ମଧ୍ୟ ଭାରି ଅପ୍ରସ୍ତୁତ ଅନୁଭବ କରି ଘର ଭିତରକୁ ଚାଲିଗଲେ । ଏମିତି ମୋର ଦିନ କଟେ । ସକାଳ ମର୍ଣ୍ଣିଂଓ୍ୱାକ୍‌ରୁ ଆରମ୍ଭ ଆଉ ରାତିରେ ଏକଲା କ'ଣ ଟିକେ ଖାଇ ଶୋଇବା କଥା । ରାନୁ ଦିନବେଳୋବି ଘର କାମ ଲାଗି ଆସେ, ସେ ଯେତିକି ସମୟ ଥାଏ ତା ପାଟି ଚୁପ୍ ନଥାଏ, କାମ କରୁ କରୁ ଆମ ଆପାର୍ଟମେଣ୍ଟର ସବୁ ଘର ବିଷୟରେ ଧାରା ବିବରଣ କରେ । ସେ ଦିନ ମୁଁ ତାକୁ ପଚାରିଲି ରାନୁ ସେ ସୁଜାତା ଚାକିରି କରେ ବୋଲି ତା ଶାଶୁ ବୋଧେ ଘର କାମ କରନ୍ତି ? ଆଉ ବିଶ୍ୱାଳ ବାବୁ ବି ଘର କାମରେ ବହୁ, ସ୍ତ୍ରୀଙ୍କ ସାହାଯ୍ୟ କରନ୍ତି ନା । ରାନୁ କହିଲା ମା' ସୁଜାତା ଦିଦି ଚାକିରି କରନ୍ତି ବୋଲି ମତେ ପା ଘର କାମ ଲାଗି ଲଗେଇଛନ୍ତି, ହେଲେ ବାବୁଙ୍କୁ ଆଉ ତାଙ୍କ ପୁଅକୁ ମା' ହାତ ରନ୍ଧା ଭଲ ଲାଗେ ବୋଲି ମା ରାତି ରୋଷେଇ ନିଜେ କରନ୍ତି । ଆଉ ବିଶ୍ୱାଳ ବାବୁ ତ ରିଟାୟର୍ଡ ମଣିଷ ସମୟ କାଟିବାର ଆଉ ନିଜକୁ ଫିଟ୍ ରଖିବାର ଉପାୟ ଏଇ ଛୋଟ ମୋଟ ଘର କାମ । ମୁଁ ପୁଣି କହିଲି ରାନୁ ତୁ ଏତେ ଘର କାମ କରି ପୁଣି ତୋ ଘରେ ବି କରୁଥିବୁ ନା ! ସେ ଦୀର୍ଘ ନିଶ୍ୱାସ ଟେ ପକେଇ କହିଲା କ'ଣ କରିବି ମା' ଏତେ ଦରଦାମ୍‌ରେ ସହରରେ ପିଲାଙ୍କ ପଢ଼ା, ଖିଆ ପିଆ ଲାଗି କରିବାକୁ ତ ପଡୁଛି, ଆପଣଙ୍କ ଭଳି ଭାଗ୍ୟ କାହିଁ ଯେ, ହାତକୁ କାମ ନାହିଁ କି ମୁଣ୍ଡକୁ ଚିନ୍ତା ନାହିଁ । ସେ ଯୋଉ ଭୋଜି ହଉଥିଲା ଆପଣଙ୍କ ଆପାର୍ଟମେଣ୍ଟ ବାଲାଙ୍କର, ଆପଣ ତ ବେଗା ବେଗୀ ଫେରି ଆସିଲେ, ସେ କର ବାବୁ ଘର, ସୁଜାତା ଦିଦି ଘର ଆହୁରି ବି କେତେ ଜଣ ପରା ସେଇଆ କଥା ହଉଥିଲେ କି ଡାକ୍ତର ପାତ୍ରଙ୍କ ମିସେସ୍ କି ଭାଗ୍ୟ କରିଛନ୍ତି ଚିନ୍ତା ଦକ ନାହିଁ, ଟଙ୍କା-ପଇସା ଅଭାବ ନାହିଁ । ଆମେ ସବୁ ଯାହା ଛୁଆଙ୍କ ବଡ କରି କରି ବୁଢ଼ି ହେଲେ ଆଉ ଏବେ ପିଲାଙ୍କ ଛୁଆକୁ ବି ଦେଖିବାକୁ ପଡୁଛି । ମୁଁ ବି ଗୋଟେ ଦୀର୍ଘ ନିଶ୍ୱାସଟେ ମାରିଲି । ମନେ ମନେ ଭାବିଲି ଅଦେଖା ଓଉ ଛ' ଫେଡା । ମୁଁ ଯେ କେମିତି ଏକଲା ଜୀବନ କାଟୁଛି ମୁଁ ଜାଣେ । ଆଉ ସେମାନେ ତ ନାତି-ନାତୁଣୀ ଧରି କେଡେ ଖୁସିରେ ରାନୁ ଡାକିଲା ମା' ବାଲକୋନିରେ ଏ ଗଛ ଗୁଡା ଛାଇରୁ ଖରାପ ହେଇଗଲାଣି, ଆପଣ ବି ଏ ସୋସାଇଟି ପାର୍କରେ ଗଛ ଲଗାନ୍ତୁ, ସମସ୍ତେ ତ ଲଗାଉଛନ୍ତି । ଟିକେ ଗପ ସପ ବି କରି ଆସିବେ । ମୁଁ କିନ୍ତୁ ତାକୁ କହିପାରୁନଥିଲି କି ଏ ଜୀବନ ଟା ଦିଲ୍ଲୀ କା ଲଡ୍ଡୁ..... ମତେ ଲାଗୁଛି ପରିବାର ଧରି ସେମାନେ କେଡେ ଖୁସିରେ ଆଉ ତାଙ୍କୁ ଲାଗୁଛି ବିନା ଦାୟିତ୍ୱରେ ମୁଁ କେଡେ ଖୁସି.....

## ଦିବ୍ୟାଙ୍ଗ ଅଭିଭାବକ ଓ ଶିକ୍ଷକ ପରାମର୍ଶ ଶିବିର



ଫୁଲନଖରା (ପିଏନ୍)-ବାରଙ୍ଗ ଶିକ୍ଷା ମଣ୍ଡଳ ମହେଶପୁରସ୍ଥ ଜୟନ୍ତୀଦେବୀ ଉପ୍ରା ବିଦ୍ୟାଳୟଠରେ ବିଶିପଦା ଓ ମହେଶପୁର ସାଧନ କେନ୍ଦ୍ର ଅଧିନସ୍ଥ ବିଭିନ୍ନ ବିଦ୍ୟାଳୟର ଅଧ୍ୟୟନରତ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ଅଭିଭାବକ, ଶିକ୍ଷକ, ଶିକ୍ଷିକା ଓ ପ୍ରଶାସନିକ ଅଧିକାରୀଙ୍କ ଏକଦିବସୀୟ ସଞ୍ଚାର ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା । ଏଥିରେ ସରପଞ୍ଚ ଇତିଶ୍ରୀ ସ୍ୱାଇଁ, ସମିତି ସଭ୍ୟ ବେଣୁଧର ମୂଳିଆ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଗୁରୁଚରଣ ସ୍ୱାଇଁ, ଅର୍ନ୍ତବେଶୀ ଶିକ୍ଷା ସଂଯୋଜକ ଚିତ୍ତରଂଜନ ପଣ୍ଡା, ସହ ଶିକ୍ଷାଧିକାରୀ ବ୍ରଜମୋହନ ଦାସ, ସିଆରସିସି ଭିକାରିଚରଣ ମହାଁ, ପରୱିନ ସାଲୋନୀ, ହାଇସ୍କୁଲ ପ୍ରଧାନ ଶିକ୍ଷକ ପ୍ରତାପଚନ୍ଦ୍ର ମହାପାତ୍ର, ଉପ୍ରା ସ୍କୁଲ ପ୍ରଧାନ ଶିକ୍ଷକ ଲକ୍ଷ୍ମିକା' ମହାଁ, କମିଟି ସଭାପତି ଅଭୟକୁମାର ବୈଠାଲୁ, ନିରଂଜନ ପରିଜା ପ୍ରମୁଖ ଉପସ୍ଥିତ ଥିଲେ। ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ ପାଇଁ ପ୍ରୟାସ କରିବାକୁ ବୈଠକରେ ମତପ୍ରକାଶ ପାଇଥିଲା । ସାଧନ କର୍ମୀ ମଂଜୁଲତା ଭୂୟାଁ, ତପସ୍ୱିନୀ ସାହୁ ଓ ବଂଶୀଧର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲାବେଳେ ଭିନ୍ନକ୍ଷମ ସ୍ୱେଚ୍ଛାସେବୀ ଭୀମସେନ ଦାସ ଓ ବିଦ୍ୟାଳୟର କର୍ମଚାରୀମାନେ ସହଯୋଗ କରିଥିଲେ।

## ପାଲାକାର ସଂଘ କାର୍ଯ୍ୟକାରିଣୀ ବୈଠକ

ଫୁଲନଖରା (ପିଏନ୍)-ଶ୍ରୀଜଗନ୍ନାଥ ପାଲାକାର ମହାସଂଘ, ଓଡ଼ିଶାର କାର୍ଯ୍ୟକାରିଣୀ ବୈଠକ କୁରାଙ୍ଗଶାସନସ୍ଥ ଜଗନ୍ନାଥ ମନ୍ଦିରରେ ଉପଦେଷ୍ଟା ସୁରେନ୍ଦ୍ରନାଥ ଛୋଟରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବେଣୁଧର ଷଡ଼ଙ୍ଗୀଙ୍କ ମଙ୍ଗଳାଚରଣ ପାଠ ସହିତ ମହାସଂଘ ଉପଦେଷ୍ଟା ଅନକୁମାର ଜେନା, ବନମାଳି ପତି, ସଭାପତି ନିରନ ସ୍ୱାଇଁ, ସମ୍ପାଦକ ଦୁଷ୍ମ'କୁମାର ବେହେରା, କୋଷାଧ୍ୟକ୍ଷ ଶିବଶଙ୍କର ମହାରଣା, ଉପେନ୍ଦ୍ରନାଥ ମିଶ୍ର, ପ୍ରମୋଦ ପଟ୍ଟନାୟକ, ଆରତ ବାଲ, ବଂଶୀଧର ଦାସ, କୃପାସିନ୍ଧୁ ତ୍ରିପାଠୀ, ହେମନ୍ତ ବାରିକ, ଆନନ୍ଦ ମିଶ୍ର, ପ୍ରଦୀପ୍ତ ନାୟକ, ରାଜେଶ ବେହେରା ପ୍ରମୁଖ ଯୋଗଦେଇ ମହାସଂଘର ଆଗାମୀ କାର୍ଯ୍ୟପନ୍ଥା ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ଆସନ୍ତା ଜାନୁଆରୀ ୬, ୭ ଓ ୮ ତାରିଖ ତିନିଦିନ ଧରି ମହାସଂଘର ବାର୍ଷିକ ସମାରୋହ ଆୟୋଜନ ନେଇ ସର୍ବସମ୍ମତଭାବେ ପ୍ରସ୍ତାବ ଗୃହୀତ ହୋଇଥିଲା। ଆନନ୍ଦ ମିଶ୍ର ଧନ୍ୟବାଦ ଦେଇଥିଲେ।

## ଧର୍ମଶାଳା ପୁଲିସ କବ୍‌ଜାରେ ଏଟିଏମ ଲୁଟେରା

ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ନେଉଳପୁର ବଜାରରୁ ଏଟିଏମ ମେସିନ ଚୋରୀ ଘଟଣାରେ ପୁଲିସ ଲୁଟେରାଙ୍କୁ କାବୁ କରିବାରେ ସକ୍ଷମ ହୋଇଥିବା ଜଣାପଡିଛି । ଗତ ୨୪ ତାରିଖ ରାତିରେ ୧୬ ନେଉଳପୁର ବଜାରରେ ଥିବା ଏସବିଆଇ ଏଟିଏମ ମେସିନକୁ ଦୁର୍ବୃତମାନେ ତାଡି ନେଇଯାଇଥିଲେ । ୨୫ ତାରିଖ ସକାଳେ ଏ ସମ୍ପର୍କରେ ଜଣାପଡିବା ପରେ ଧର୍ମଶାଳା ପୁଲିସ ସେଠାରେ ପହଁଚି ସାଇନ୍‌ଟିଫିକ ଟିମ ସହାୟତାରେ ତଦନ୍ତ କରିଥିଲା । ଲୁଟ ଏଟିଏମ ମେସିନରେ ୫ଲକ୍ଷ ୬୭ହଜାର ୫ଶହ ଟଙ୍କା ଥିବା ନେଇ ବ୍ୟାଙ୍କ କର୍ତୃପକ୍ଷ ଜଣାଇଥିଲେ । ଏହି ଚ୍ୟାଲେଂଜକୁ ଗ୍ରହଣ କରି ଏସପି ରାହୁଲ ପିଆରଙ୍କ ନିର୍ଦ୍ଦେଶକ୍ରମେ ଏଟିଏମ ଲୁଟେରାଙ୍କୁ ଧରିବା ପାଇଁ ପୁଲିସ ଏକ ବ୍ଲୁପ୍ରିଂଟ ପ୍ରସ୍ତୁତ କରିଥିଲା । ଏଟିଏମ ଲୁଟେରାଙ୍କୁ ଧରିବା ପାଇଁ ଯାଜପୁର ଜିଲ୍ଲାର ତିନିଜଣ ଥାନା ଅଧିକାରୀଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇଥିଲା । ଏହି ଟିମ ବିଭିନ୍ନ ସ୍ଥାନରେ ଚଢାଉ କରି ୬ଜଣ ଲୁଟେରାଙ୍କୁ ଧରିବାରେ ସକ୍ଷମ ହୋଇଥିଲା । ଏଟିଏମ ଲୁଟେରାଙ୍କଠାରୁ କିଛି ପରିମାଣର ଟଙ୍କା ଜବତ ହୋଇଥିବାବେଳେ ଏହି ଘଟଣାରେ ଅଧିକ ଦୁର୍ବୃତଙ୍କ ସମ୍ପୃକ୍ତି ଥିବାରୁ ପୁଲିସ ତଦନ୍ତ ଜାରି ରହିଥିବା ହେତୁ କୌଣସି ତଥ୍ୟ ଦେବାକୁ ଅମଙ୍ଗ ହୋଇଛି ।

## ଆଇଜିକେ କରାଟେ ପକ୍ଷରୁ ବେଲ୍ଟ ପ୍ରଦାନ ସମାରୋହ

ପାରାଦୀପ (ପିଏନ୍)- ଇଂଟରନ୍ୟାସନାଲ ଗୋସୋ କରାଟେ ଡୋ ଆସୋସିଏସନ୍ (ଆଇଜିକେ) ଓଡିଶା ଶାଖା ପକ୍ଷରୁ ପାରାଦୀପର ଆମ୍ବେଦକର ପାର୍କ ପରିସରରେ ଗତ ରବିବାର ଅପରାହ୍ନରେ ବେଲ୍ଟ ପ୍ରଦାନ ସମାରୋହ ଆୟୋଜିତ ହୋଇଥିଲା । ଏହି ସମାରୋହରେ ସାମ୍ବାଦିକ ଶୁକଦେବ ଜେନା, ଶଶାଙ୍କ ଶେଖର ଆଚାର୍ଯ୍ୟ, ସଂଜୟ କୁମାର ମିଶ୍ର, ସ୍ୱାଧିନଚେତା ଦାସମହାପାତ୍ର, ଜଗନ୍ନାଥ ଶତପଥି, ଅବଦୁଲ ଆବିଦ୍ ଖାନ୍, ରଶ୍ମିରଂଜନ ରାଉତରାୟ, ଜ୍ଞାନରଂଜନ ଆଚାର୍ଯ୍ୟ, ସୁଦର୍ଶନ ସ୍ୱାଇଁ, ବିରଜା ସେଠୀ ପ୍ରମୁଖ ଯୋଗଦେଇ କରାଟେକାମାନଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରିଥିଲେ । ଆଇଜିକେ ଓଡିଶା ରାଜ୍ୟ ସମ୍ପାଦକ ତଥା ମୁଖ୍ୟ ପ୍ରଶିକ୍ଷକ ସଂଜୟ ସାହା ବିଭିନ୍ନ ବର୍ଗର କରାଟେକାମାନଙ୍କୁ ବେଲ୍ଟ ପ୍ରଦାନ କରିଥିଲେ । ଏହି ଅବସରରେ ଶତାବ୍ଦୀ ହୋତା, ଉରସିତ ମଣ୍ଡଳ,ସୂର୍ଯ୍ୟ ପ୍ରକାଶ ପରିଡା,ଆଦିତି ପାଣିଗ୍ରାହୀ, ଓମ୍ ପ୍ରସାଦ ସାହୁ,ଏମ୍‌ଡି. ଜୁନେଦ ଖାନଙ୍କୁ ବ୍ଲାକ୍ ବେଲ୍ଟ ପ୍ରଦାନ କରାଯାଇଥିଲା ।




# ଆର୍.ଆର୍.ଟି.ସି ପକ୍ଷରୁ ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳନ ଅବସରରେ ଆଠ ଦିନିଆ ୱେବିନାର ବ୍ୟୋଜ୍ୟେଷ୍ଠ ବ୍ୟକ୍ତିଙ୍କ ଦ୍ୱାରା ଉଦ୍‌ଘାଟିତ







ଭୁବନେଶ୍ୱର(ପିଏନ)- ଆଜି ଏନ୍.ଆର୍.ସି.ଡବ୍ଲ୍ୟୁ.ଡି ଦ୍ୱାରା ପରିଚାଳିତ ଆର୍.ଆର୍.ଟି.ସି ତରଫରୁ ସାମାଜିକ ନ୍ୟାୟ ଓ ଅଧିକାରିତା ମନ୍ତ୍ରାଳୟ,ଭାରତ ସରକାରଙ୍କ ସହଯୋଗରେ ଭୁବନେଶ୍ୱରସ୍ଥ ଆର୍.ଆର୍.ଟି.ସି ସଭାଗୃହରେ ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳନ ଅବସରରେ ପଦ୍ମଶ୍ରୀ ଡକ୍ଟର ପ୍ରଫୁଲ୍ଲ କୁମାର ଜେନା ଓ ଡକ୍ଟର ସେବା ମହାପାତ୍ରଙ୍କ ଦ୍ୱାରା ଆନୁଷ୍ଠାନିକ ଭାବେ ଗୁଗୁଲ୍ ମିଟ୍ ଜରିଆରେ ଆଠଦିନିଆ ୱେବିନାର୍ ଶୁଭ ଉଦ୍‌ଘାଟିତ ହୋଇଯାଇଛି । ଉକ୍ତ ୱେବିନାର୍‌ରେ ଅନ୍ୟୁନ ୪୦ରୁ ୫୦ ଲୋକ ଯଥା ବ୍ୟୋଜ୍ୟେଷ୍ଠ ବ୍ୟକ୍ତି, ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମକର୍ତ୍ତା, ବରିଷ୍ଠ ନାଗରିକ ବାସସ୍ଥାନର ଅନ୍ତେବାସୀଗଣ, ସାମାଜିକ କର୍ମୀ, ଗଣମାଧ୍ୟମ ପ୍ରତିନିଧିବୃନ୍ଦ, ସରକାରୀ କର୍ମଚାରୀ ବୃନ୍ଦ, ସ୍ୱେଚ୍ଛାସେବୀମାନେ ଅଂଶଗ୍ରହଣ କରିଥିଲେ । ଆୟୋଜିତ ହୋଇଥିବା ଏହି ୱେବିନାର୍‌ରେ ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ଡଃ ପ୍ରଫୁଲ୍ଲ କୁମାର ଜେନା ଯୋଗଦାନ କରିଥିବା ବେଳେ ଡକ୍ଟର ସେବା ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଡକ୍ଟର ଜେନା କହିଲେ ଯେ, ସେ ୯୦ ବର୍ଷରେ ପହଂଚିଥିଲେ ମଧ୍ୟ ଏବେ ବୈଦିକ ଓ ଦୈନିକ କାର୍ଯ୍ୟକ୍ରମରେ ନିଜର ଅଭ୍ୟାସ ଅବ୍ୟାହତ ରଖିଛନ୍ତି । ଏତଦ୍ ବ୍ୟତୀତ ସେ ଗୁରୁତ୍ୱର ସହ କହିଥିଲେ ଯେ, ବରିଷ୍ଠ ନାଗରିକଙ୍କର ଅଭିଜ୍ଞତାକୁ ପାଥେୟ କରି ସାମାଜିକ ସେବା, ଜ୍ଞାନକୌଶଳର ବିକାଶ, ସ୍ୱାସ୍ଥ୍ୟସେବା, ଶିକ୍ଷାପ୍ରଦାନ,ବୃକ୍ଷରୋପଣ ଆଦି କାର୍ଯ୍ୟରେ ନିୟୋଜିତ କରାଯିବା ଉଚିତ୍ । ୬୦ବର୍ଷରେ ଅବସର ଗ୍ରହଣ କଲେ ମଧ୍ୟ ବହୁ ବରିଷ୍ଠ କର୍ମଚାରୀ ଆଗକୁ କାମ କରିବାର ଦକ୍ଷତା ଥିବାଯୋଗୁଁ ସେମାନଙ୍କୁ ବିଭିନ୍ନ କାର୍ଯ୍ୟରେ ନିୟୋଜିତ କରିବା ଉଚିତ୍ । ଠିକ୍ ସେହିପରି ଡକ୍ଟର ମହାପାତ୍ର ଅବଗତ କରାଇଥିଲେ ଯେ, ସମଗ୍ର ବିଶ୍ୱରେ ୨୦୫୦ମସିହା ସୁଦ୍ଧା ବରିଷ୍ଠନାଗରିକଙ୍କ ସଂଖ୍ୟା ୧୫୦କୋଟିରେ ପହଂଚିବ । ଏପରି ଆକଳନରୁ ଜଣାଯାଉଛି ଯେ, ୨୦୫୦ମସିହା ବେଳକୁ ବରିଷ୍ଠନାଗରିକଙ୍କ ସଂଖ୍ୟା ଭାରତବର୍ଷରେ ମୋଟ୍ ଜନସଂଖ୍ୟାର ଶତକଡା ୨୦ପ୍ରତିଶତ ବୃଦ୍ଧି ପାଇବ । ଏହାଛଡା କୋଭିଡ୍ ମହାମାରୀ ସମୟରେ ବରିଷ୍ଠ ନାଗରିକମାନଙ୍କର ଯଥେଷ୍ଟ ସ୍ୱାସ୍ଥ୍ୟର ଯତ୍ନର ଆବଶ୍ୟକତା ରହିଛି ବୋଲି ସେ ଗୁରୁତ୍ୱାରୋପ କରିଥିଲେ । ଏଠାରେ ପ୍ରକାଶ ଯୋଗ୍ୟ ଯେ, ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ଅଧିକାରିତା ମନ୍ତ୍ରାଳୟର ଅତିରିକ୍ତ ସଚିବ ଶ୍ରୀମତୀ ଉପମା ଶ୍ରୀବାସ୍ତବ ସମ୍ମାନୀତ ଅତିଥିଭାବେ ଯୋଗ ହେବାର କାର୍ଯ୍ୟକ୍ରମ ଥିଲା ମାତ୍ର କିଛି ଯାନ୍ତ୍ରିକ ତୃଟି ଯୋଗୁଁ ସେ ଆଜିର କାର୍ଯ୍ୟକ୍ରମରେ ଯୋଗ ଦେଇ ପାରି ନ ଥିଲେ କିନ୍ତୁ ଆସନ୍ତା କାଲିର କାର୍ଯ୍ୟକ୍ରମରେ ସେ ଯୋଗ ଦେବେ ବୋଲି ନିର୍ଭର ପରତିଶୃତି ଦେଇଛନ୍ତି । ଏହି ୱେବିନାର୍ ଦୀର୍ଘ ଆଠ ଦିନ ଧରି ପ୍ରତ୍ୟହ ପୂର୍ବାହ୍ନ ୧୧ଟାରୁ ଦିବା ୧ଘଟିକା ପର୍ଯ୍ୟନ୍ତ ଗୁଗୁଲ୍ ମିଟ୍ ଜରିଆରେ ବରିଷ୍ଠ ନାଗରିକଙ୍କ ବିଭିନ୍ନ ମୁଦ୍ଦାକୁ ନେଇ ଅଭିଜ୍ଞ ରିସୋର୍ସ ପର୍ସନମାନଙ୍କ ଦ୍ୱାରା ଆଲୋଚନା କରାଯିବ । ଏହି ଆଲୋଚନାରେ ଭାଗ ନେବାକୁ ଚାହୁଁଥିବା ବ୍ୟକ୍ତିମାନେ ନିମ୍ନୋକ୍ତ ଲିଙ୍କ୍‌ରେ ଯୋଗ ଦେବାକୁ ଅନୁରୋଧ । ଲିଙ୍କ୍‌ଟି ହେଉଛି- https://meet.google.com/mfz-zcin-vpg । ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ସାମ୍ବାଦିକ ତଥା ସ୍ତମ୍ଭକାର ଶ୍ରୀଯୁକ୍ତ ନାଗେଶ୍ୱର ପଟ୍ଟନାୟକ ସଂଚାଳନ କରିଥିଲେ ଓ ଆଶା ପ୍ରକାଶ କରି କହିଥିଲେ ଯେ, ଭାରତ ସରକାର ଆଣୁଥିବା ନୂତନ ନାଗରିକ ନୀତି ନିଶ୍ଚୟ ପ୍ରଗତିଶୀଳ ହେବ । ଏହି ୱେବିନାର୍‌ରେ ଆଲୋଚିତ ହେବାକୁ ଥିବା ବିଷୟବସ୍ତୁ ଗୁଡିକୁ ଆଗାମୀ ସାତ ଦିନରେ ବରିଷ୍ଠ ଆଇନ୍‌ଜିବୀ ସଂଜିବ୍ ରାଉତ, ସିଦ୍ଧାର୍ଥ ଦାସ, ହେଲପ୍ ଏଜ୍ ଇଣ୍ଡିଆର ରାଜ୍ୟ ମୁଖ୍ୟ ଶ୍ରୀମତୀ ଭାରତୀ ଚକ୍ର, ବିଶିଷ୍ଟ ମନୋତତ୍ୱବିଦ୍ ଡକ୍ଟର ପ୍ରକାଶ ରଥ, ଡକ୍ଟର ଅରବିନ୍ଦ ମହାନ୍ତି, ଡକ୍ଟର ହରିଶ୍ ଚୌଧୂରୀ, ଡକ୍ଟର ଅମ୍ରିତ୍ ପଟ୍ଟଯୋଶୀ,ଡକ୍ଟର ବିଶ୍ୱଭୂଷଣ ପ୍ରଧାନ, ଡକ୍ଟର ଅମ୍ଳାନ୍ ମାଇତି, ଡକ୍ଟର ଝରଣା ସ୍ୱାଇଁ, ବରିଷ୍ଠ ରାଜନୀତି ବିଜ୍ଞାନୀ ତଥା ପ୍ରଫେସର୍ ସୂର୍ଯ୍ୟନାରାୟଣ ମିଶ୍ର, ଅବସରପ୍ରାପ୍ତ ଆଇ.ଏ.ଏସ୍ ଅଫିସର୍ ଶ୍ରୀ ଯୁଗଳ କିଶୋର ମହାପାତ୍ର ଓ ଶ୍ରୀ ବିବେକ ପଟ୍ଟନାୟକ , ବରିଷ୍ଠ ସମାଜସେବୀ ଇମ୍ରାନ୍ ଅଲ୍ଲୀ ଓ ଶ୍ରୀମତୀ ଗୀତା ପ୍ରହରାଜ ପ୍ରମୁଖ ରିସୋର୍ସ ପର୍ସନ ଭାବେ ଆଲୋଚନାରେ ଅଂଶଗ୍ରହଣ କରି ଅତି ପ୍ରାଞ୍ଜଳ ଭାବେ ବିଷୟଗୁଡିକୁ ଅଂଶଗ୍ରହଣକାରୀଙ୍କ ସମ୍ମୁଖରେ ଉପସ୍ଥାପନ କରିବେ ବୋଲି ନିର୍ଭର ପ୍ରତିଶୃତି ଦେଇଛନ୍ତି । ଏହି ୱେବିନାର୍‌ରେ ଅଧିକ ସଂଖ୍ୟାରେ ଭାଗ ନେଇ ୱେବିନାର୍‌କୁ ସଫଳ କରିବାକୁ ଆୟୋଜକ ଆଶା ପ୍ରକାଶ କରିଛନ୍ତି । ଶେଷରେ ଏନ୍.ଆର୍.ସି ଡବ୍ଲ୍ୟୁ.ଡିର ସମ୍ପାଦକ ଶ୍ରୀଯୁକ୍ତ ସୁକାନ୍ତ ପରିଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଆର୍.ଆର୍.ଟି.ସିର ପ୍ରକଳ୍ପ ସଂଯୋଜିକା ବାସନ୍ତୀ ବେହେରା ୱେବିନାର୍‌କୁ ସୁଚାରୁରୂପେ ପରିଚାଳନା କରିଥିଲେ ।

## ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟରେ ଜାତୀୟ ସମ୍ମିଳନୀ

ଫୁଲନଖରା,(ପି.ଏନ): ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ କଟକ ଆନୁକୂଲ୍ୟରେ ଫୁଲନଖରା ନିକଟ ଅନନ୍ତପୁରସ୍ଥିତ ବିଶ୍ୱଶାନ୍ତି ସରୋବରଠାରେ ସମୟର ଆହ୍ୱାନ - ସକରାତ୍ମକ ଦ୍ୱାରା ଉତ୍ପାଦନ ବୃଦ୍ଧି ଏକ ଦିବସୀୟ ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା ବ୍ରହ୍ମାକୁମାରୀ ଭଗିନୀ ସଂସ୍ଥା ସାଇଣ୍ଟିଷ୍ଟସ୍ , ଇଞ୍ଜିନିୟରର୍ସ ଏବଂ ଆର୍କିଟେକ୍ସ (ଏସଇଏ ) ପ୍ରଭାଗ ଦ୍ୱାରା ଆୟୋଜିତ ଏହି ସମ୍ମିଳନୀରେ ବିଶେଷକ ବର୍ତ୍ତମାନର ଆଧୁନିକ ସମାଜରେ ଉତ୍ପାଦନ ବୃଦ୍ଧିରେ ସକରାତ୍ମକ ପ୍ରଭାବ ସଂପର୍କରେ ଆଲୋଚନା ହୋଇଥିଲା । ଏହି ସମ୍ମିଳନୀରେ ରାଜ୍ୟ ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗ ମନ୍ତ୍ରୀ ଭ୍ରାତା କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଥିଲେ ଯିଏ ସମୟର ମୂଲ୍ୟକୁ ବୁଝିପାରେ ସେ ତା ଜୀବନରେ ସବୁ ପ୍ରକାର ସଫଳତା ପ୍ରାପ୍ତ କରିପାରେ । ତତସହିତ ଏକ କାହାଣୀ ମାଧ୍ୟମରେ ଈଶ୍ୱରଙ୍କ ଅବସ୍ଥିତି ସମ୍ବର୍ଦ୍ଧରେ ଆଲୋକପାତ କରିବା ସହ ନିଜେ ପ୍ରତି ଦିନ ଅତି କମରେ ୧୫ ମିନିଟ୍ ଯୋଗ ଅଭ୍ୟାସ କରୁଛନ୍ତି ବୋଲି କହିଥିଲେ । ଏଥିରେ ସାରା ଭାରତର ବିଭିନ୍ନ ପ୍ରାନ୍ତର ତଥା ଓଡ଼ିଶାର ଅନେକ ବୈଜ୍ଞାନିକ , ଅଭିଜ୍ଞତା ଏବଂ ସ୍ଥପତି ଯୋଗଦାନ କରିଥିଲେ । ସଂସ୍ଥାର ଅତିରିକ୍ତ ମୁଖ୍ୟ ନିର୍ଦ୍ଦେଶିକା ବ୍ରହ୍ମାକୁମାରୀ ସୁଲୋଚନା ଅତିଥିମାନଙ୍କୁ ସ୍ୱାଗତ କରିଥିଲେ । କଟକ ସବଜୋନର ମୁଖ୍ୟ ସଂଚାଳିକା ରାଜଜୋଗିନୀ ବ୍ରହ୍ମାକୁମାରୀ ଡ଼ଃ କମଲେସ ଓଡ଼ିଶାରେ ସଂସ୍ଥାର ସ୍ଥାପନା ସମୟର ଅନୁଭୂତି ବର୍ଣ୍ଣନା କରିଥିଲେ । ପ୍ରଭାଗର ଅଧକ୍ଷ ରାଜଯୋଗୀ ବ୍ରହ୍ମାକୁମାର ମୋହନ ସିଙ୍ଗଲ ଉତ୍ପାଦନ ବୃଦ୍ଧି ପାଇଁ ଆନ୍ତରିକ ଓ ବାହ୍ୟ ସକରାତ୍ମକତାର ଆବଶ୍ୟକତା ଉପରେ ମତ ପ୍ରଦାନ କରିଥିଲେ । ପ୍ରଭାକର ଜାତୀୟ ସଂଯୋଜକ ରାଜଯୋଗୀ ବ୍ରହ୍ମାକୁମାର ଭାରତ ଭୂଷଣ ଦୁନିଆଁରେ ସମସ୍ତଙ୍କୁ ସନ୍ତୁଷ୍ଟ କରିବା , ନମ୍ର ହୋଇ ସମସ୍ତଙ୍କ ସମ୍ମାନ କରିବା ଏବଂ ପ୍ରତିଦିନ ରାଜଯୋଗ ଅଭ୍ୟାସ ଦ୍ୱାରା ସଂକଳ୍ପକୁ ସକାରାତ୍ମକ କରିବା ସହ ଈଶ୍ୱରୀୟ ଗୁଣ ଧାରଣ କରିବା ଆବଶ୍ୟକ ବୋଲି କହିଥିଲେ । ରାଜଯୋଗ ଶିକ୍ଷିକା ବ୍ରହ୍ମାକୁମାରୀ ଅଞ୍ଜଳି ରାଜଯୋଗ ଅନୁଭୂତି ସଂପର୍କରେ ବର୍ଣ୍ଣନା କରିଥିଲେ । ରାଉରକେଲା ଷ୍ଟିଲ ପ୍ଲାଣ୍ଟର ଅତିରିକ୍ତ ଜେନେରାଲ ମ୍ୟାନେଜର ବ୍ରହ୍ମକୁମାର ଅରୁଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । କୁମାରୀ ଶିଖା ,ଅଙ୍କିତା ସ୍ୱାଗତ ନୃତ୍ୟ କରିଥିଲାବେଳେ ବ୍ରହ୍ମକୁମାର ମୋହନ ଧନ୍ୟବାଦ ଅର୍ପଣ କରିଥିଲେ ଏବଂ ବ୍ରହ୍ମାକୁମରୀ ସଂଧ୍ୟା ଓ ଦେବସ୍ମିତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

### ୨ବର୍ଷର ଝିଅ ଦେହରେ ୨୮ ଥର ବ୍ୟାଣ୍ଡେଜ ଘଟଣା

# ଚିକିତ୍ସା ପାଇଁ ପ୍ରଶାସନର ପ୍ରସ୍ତୁତି ଆରମ୍ଭ

କନ୍ଧମାଳ,(ପିଏନ)- ଦାରିଙ୍ଗବାଡ଼ି ବ୍ଲକ ହାତୀମୁଣ୍ଡା ପଂଚାୟତ ଅର୍ନ୍ତଗତ ଡାହୁ ଗ୍ରାମର ୨ବର୍ଷର ଝିଅ ସାଲୁନିକା ପ୍ରଧାନ । ଜନ୍ମ ହେବାର ୧୩ଦିନ ପର ଠାରୁ ଝିଅକୁ କେହି ଧରିଲେ ଦେହର ହାଡ଼ଗୁଡ଼ିକ ଭାଙ୍ଗିଯାଉଛି । ସେଥିପାଇଁ ୨ବର୍ଷର ଝିଅର ହାତ, ଗୋଡ଼ ସମେତ ଶରୀରର ବିଭିନ୍ନ ଅଙ୍ଗରେ ୨୮ଟି ବ୍ୟଣ୍ଡେଜ୍ ପଡ଼ିଛି । ଏନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ସାଲୁନିକାର ସମସ୍ତ ଚିକିତ୍ସା ମାଗଣାରେ କରିବା ପାଇଁ କଟକ ଜିଲ୍ଲା ଓଲଟପୁର ସ୍ଥିତ ସ୍ୱାମୀ ବିବେକାନନ୍ଦ ଜାତୀୟ ପୁର୍ନବାସ ପ୍ରଶିକ୍ଷଣ ଓ ଅନୁସନ୍ଧାନ ସଂସ୍ଥା(ନିରତାର୍) ନିଜ ତରଫରୁ ଏନେଇ କନ୍ଧମାଳ ଜିଲ୍ଲା ପ୍ରଶାସନକୁ ଚିଠି ଲେଖିଛନ୍ତି । ନିରତାର୍‌ର ନିର୍ଦ୍ଦେଶକ ଡାକ୍ତର ଶକ୍ତି ପ୍ରସାଦ ଦାସ ସାଲୁନିକାର ଏଭଳି ବିରଳ ରୋଗ ସମ୍ପର୍କରେ ଗଣମାଧ୍ୟମରୁ ଜାଣିବା ପରେ ସଂସ୍ଥାର ବୈଷୟିକ ନିର୍ଦ୍ଦେଶକ କିଶୋର ଚନ୍ଦ୍ର ମହାପାତ୍ରଙ୍କ ସହିତ ଆଲୋଚନାକରିଥିଲେ ।ଏହାପରେ ସେ ଫୁଲବାଣୀ ଜିଲ୍ଲା ଭିନ୍ନକ୍ଷମ ଥଇଥାନ କେନ୍ଦ୍ର(ଡିଡିଆରସି)ର ଅଧିକ୍ଷକ ଅକ୍ଷୟ କୁମାର ପଣ୍ଡାଙ୍କ ସହିତ ଯୋଗାଯୋଗ କରି ସାଲୁନିକାକୁ ଓଲଟପୁରକୁ ପଠାଇବାର ବ୍ୟବସ୍ଥା କରିବାକୁ ଅନୁରୋଧ କରିଥିଲେ ।ପରେ ସେ କନ୍ଧମାଳ ଜିଲ୍ଲାପାଳଙ୍କୁ ମଧ୍ୟ ଏକ ଚିଠିଲେଖି ପୀଡ଼ିତା ଝିଅକୁ ସଂସ୍ଥାକୁ ପଠାଇଲେତାହାର ଚିକିତ୍ସା ସଂସ୍ଥା ତରଫରୁ ସମ୍ପୁର୍ଣ୍ଣ ମାଗଣାରେ କରାଯିବ ବୋଲି କହିଛନ୍ତି । ସଂସ୍ଥା ଠାରୁ ଚିଠି ପାଇବା ପରେ ଜିଲ୍ଲାପାଳ ମଧ୍ୟ ତୁରନ୍ତ ତତ୍ପରତା ପ୍ରକାଶ କରି ଜିଲ୍ଲା ଚିକିତ୍ସାଧିକାରୀଙ୍କୁ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଜରିଆରେ ଖୁବ ଶୀଘ୍ର ପୀଡ଼ିତା ଝିଅ ସାଲୁନିକାକୁ ଓଲଟପୁର ସ୍ଥିତ ନିରତାର୍ କୁ ପଠାଇବା ବ୍ୟବସ୍ଥା କରୁଥିବା ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ରାଜଶ୍ରୀ ପଟ୍ଟନାୟକ ସୂଚନା ଦେଇଛନ୍ତି । ଏଭଳି ସ୍ଥଳେ ଆସନ୍ତା ସୋମବାର କିମ୍ବା ମଙ୍ଗଳବାର ଦିନ ସାଲୁନିକାର ଚିକିତ୍ସା ପାଇଁ କଟକ ସ୍ଥିତ ଓଲଟପୁରକୁ ନିଆଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

# ୩ ବର୍ଷ ହେଲା ଭାଙ୍ଗି ଯାଇଥିବା କସଲକୋଣ୍ଡା ବ୍ରିଜ ଓ ରାସ୍ତା ମରାମତି ପାଇଁ ଦାବୀ

ମାଲକାନଗିରି, (ପିଏନ)-ଗତ ୩ ବର୍ଷ ତଳେ ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ଚିନ୍ତଲବାଡା ପଂଚାୟତ କସଲକୋଣ୍ଡା ଗାଁ ମୁଖ୍ୟ ରାସ୍ତା କୁ ସଂଯୋଗ କରୁଥିବା ଗମ୍ପାକୋଣ୍ଡା କେନାଲ ରାସ୍ତାରୁ ଯାଇଥିବା ଗ୍ରାମ୍ୟ ଉନୟନ୍ନ ବିଭାଗ ର ରାସ୍ତା ଓ ବ୍ରିଜ ଧୋଇହୋଇଯାଇଥିଲା । ହେଲେ ଆଜି ପ୍ରଯ୍ୟନ୍ତ ଉକ୍ତ ବ୍ରିଜ ନିର୍ମାଣ କରାଯାଇନଥିବାରୁ ଏହି ରାସ୍ତାଦେଇ ଯାଉଥିବା ଲୋକ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବ୍ରିଜର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଥିବାରୁ ଏହି ରାସ୍ତାଦେଇ ଚାଲିଚାଲି ଯିବା କଷ୍ଟକର ହୋଇପଡୁଛି ।

ପ୍ରକାଶ ଥାଉକି ଗମ୍ପାକୋଣ୍ଡା ମୁଖ୍ୟ କେନାଲ ରୁପୁରୁଣା ପଂଚାୟତ ଅଫିସ ପର୍ଯ୍ୟନ୍ତ ପ୍ରାୟ ୨ କିମି ରାସ୍ତା ବର୍ଷାରେ ଧୋଇହୋଇଯାଇଛି । ଏହି ରାସ୍ତାର ମଧ୍ୟ ଭାଗରେ କସଲ କୋଣ୍ଡା ନାଳ ରହିଛି, ଯାହାର ଲମ୍ବ ୧୫ ମିଟର । ଉକ୍ତ ରାସ୍ତା ଚିନ୍ତଲବାଡା ଓ ଗୁମୁକା ପଂଚାୟତକୁ ସଂଯୋଗ କରୁଥିବାରୁ ବହୁ ଲୋକ ସୁବିଧାରେ ଯାତାୟାତ କରୁଥିଲେ । ତେବେ ୩ ବର୍ଷ ଧରି ରାସ୍ତା ଓ ବ୍ରିଜ ମରାମତି ହୋଇନଥିବାରୁ କସଲକୋଣ୍ଡା, ସିଦ୍ଧିଗୁଡା, ଏବଂ ନିକଟରେ ଥିବା ଅନ୍ୟ ୬ ଟି ଗାଁ ର ଶତାଧିକ ଲୋକ ନାହିଁ ନଥିବା ଦୁର୍ଦଶା ଭୋଗୁଛନ୍ତି । ସାଧାରଣତଃ କାହାର ଦେହ ଖରାପ ହେଲେ ରୋଗୀ, ଗର୍ଭବତୀଙ୍କୁ ଚିକିତ୍ସାଳୟ ନେବାକୁ ଗାଁ ନିକଟକୁ ଆମ୍ବୁଲାନ୍ସ ଆସିପାରେନାହିଁ !ଫଳରେ ରୋଗୀଙ୍କୁ ଖଟିଆରେ ବୋହିବାକୁ ପଡିଥାଏବୋଲି କସଲକୋଣ୍ଡା ଗ୍ରାମର ୱାର୍ଡ ମେମ୍ବର ଈରମେ କବାସୀ କହିଛନ୍ତି । ମରାମତି ପାଇଁ ପ୍ରଶାସନ ପାଖରେ ଅଞ୍ଚଳବାସୀ ବାରମ୍ବାର ଦାବି କରିଆସୁଥିଲେ ସୁଦ୍ଧା କେହି ଶୁଣୁ ନ ଥିବା ପଂଚାୟତବାସୀ ଅଭିଯୋଗ କରିଛନ୍ତି !ଜିଲ୍ଲା ପ୍ରଶାସନ ପକ୍ଷରୁ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାପାଇଁ ଦାବୀ ହେଉଛି !

### ବିବାହର ପ୍ରତିଶ୍ରୁତି ଦେଇ ମାସମାସ ଧରି ଯୁବତୀଙ୍କୁ ଦୁଷ୍କର୍ମ

# ୬ମାସର ଗର୍ଭବତୀ ପରେ ସଂପୃକ୍ତ ଯୁବକ ଫେରାର, ଦୈତାରୀ ଥାନାରେ ଏତଲା

ହରିଚନ୍ଦନପୁର, (ପିଏନ) ବିବାହର ପ୍ରତିଶ୍ରୁତି ଓ ବିଭିନ୍ନ ପ୍ରଲୋଭନ ଦେଖାଇ ମାସମାସ ଧରି ଯୁବତୀଙ୍କ ସହ ଦୁଷ୍କର୍ମ, ୬ମାସର ଗର୍ଭବତୀ ହେବା ପରେ ସଂପୃକ୍ତ ଯୁବକ ଫେରାର ହୋଇଯାଇଥିବା ନେଇ ଦୈତାରୀ ଥାନାରେ ଲିଖିତ ଅଭିଯୋଗ ହୋଇଛି ।ଖବର ଅନୁଯାୟୀ କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଦୈତାରୀ ଥାନା ଅନ୍ତର୍ଗତ ଆଲୁତୁମା ଗ୍ରାମର ଯାତ ଦେହୁରୀଙ୍କ ଝିଅ (ଛଦ୍ମନାମ) ଜମୁନା(୧୮)ଙ୍କ ସହ ଗ୍ରାମର ଝଂପିତାମ୍ବର ଦେହୁରୀଙ୍କ ପୁଅ ସୁଶାନ୍ତ ଦେହୁରୀ ପ୍ରେମ ସମ୍ପର୍କ ରଖିଥିଲେ । ପରେ ବିବାହର ପ୍ରତିଶ୍ରୁତି ଓ ବିଭିନ୍ନ ପ୍ରଲୋଭନ ଦେଖାଇ ଯୁବତୀଙ୍କୁ ଦୀର୍ଘ ମାସ ଧରି ଦୁଷ୍କର୍ମ କରିଥିଲେ । ଯୁବତୀ ଜଣଙ୍କ ଗର୍ଭବତୀ ହେବା ପରେ ଯୁବକଙ୍କୁ ଘଟଣା ସମ୍ପର୍କରେ ଜଣାଇବା ପରେ ଯୁବକ ଜଣଙ୍କ ଫେରାର୍ ହୋଇଯାଇଥିଲେ । ଯୁବକ ଜଣଙ୍କ ଫେରାର୍ ହୋଇଯିବା ନେଇ ପୀଡ଼ିତା ଜଣଙ୍କ କିଛି ଉପାୟ ନପାଇ ମାଆ ଗୁଣ୍ଡି ଦେହୁରୀଙ୍କୁ ଘଟଣା ସମ୍ପର୍କ ସବୁ କଥା ଜଣାଇଥିଲେ । ଝିଅ ଠାରୁ ସମସ୍ତ ଘଟଣା ସମ୍ପର୍କରେ ଜାଣିବା ପରେ ସମାଧାନ ନିମନ୍ତେ ଗ୍ରାମର ଭଦ୍ର ଲୋକଙ୍କ ଏକ ସଭା ବସିଥିଲା । ହେଲେ ଉକ୍ତ ସଭାରେ ଉଚିତ୍ ନ୍ୟାୟ ମିଳିବା ଭଳି କୌଣସି ସମାଧାନ ବାଟ ବାହାରିନଥିଲା । ଶେଷରେ କିଛି ଉପାୟ ନପାଇ ନ୍ୟାୟ ଆଶାରେ ପରିବାର ସହ ପୀଡ଼ିତା ଦୈତାରୀ ଥାନା ଦ୍ୱାରସ୍ଥ ହୋଇ ଏକ ଲିଖିତ ଅଭିଯୋଗ କରିଥିଲେ । ଏଥିସହ ଯୁବକଙ୍କ ପରିବାର ସବୁ ସମ୍ପର୍କରେ ଜାଣିବା ପରେ ତାଙ୍କୁ ଲୁଚାଇ ରଖିଥିବା ପୀଡ଼ିତା କହିଛନ୍ତି । ଅଭିଯୋଗକୁ ଭିତି କରି ପୋଲିସ ଏକ ମାମଲା ରୁଜୁ କରି ପୀଡ଼ିତାଙ୍କୁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଡ଼ାକ୍ତରୀମାଇନା କରିବା ପରେ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି । ହେଲେ ଗତ ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଥିଲା ବେଳେ ଆଜି ପର୍ଯ୍ୟନ୍ତ ପୋଲିସ ସଂପୃକ୍ତ ଯୁବକଙ୍କ ପତା ପାଇନଥିବା କାରଣରୁ ନ୍ୟାୟ ଆଶାରେ ଚାହିଁ ରହିଥିବା ପୀଡ଼ିତା ମଧ୍ୟରେ ଧିରେ ଧିରେ ଆଶା ତୁଟିବାକୁ ବସିଛି । ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ଯଥାଶୀଘ୍ର ପୀଡ଼ିତାଙ୍କୁ ଉଚିତ୍ ନ୍ୟାୟ ପ୍ରଦାନ କରାଇବାକୁ ଗ୍ରାମବାସୀ ଓ ପୀଡ଼ିତା ଦାବି କରିଛନ୍ତି ।

# ଆଦର୍ଶ ଚାଷୀ ଏକାକୀ ମହିଳା ମିତା ପ୍ରଧାନ ଆତ୍ମନିର୍ଭରଶୀଳ ହୋଇଛନ୍ତି ଆକ୍ସନଏଡ ସହାୟତାରେ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲାର ଦାରିଙ୍ଗବାଡି ଅଂଚଳରେ ଥିବା ସୁନ୍ଦରଗଡ ଗାଁରେ ଆତ୍ମନିର୍ଭରଶୀଳ ହୋଇଛନ୍ତି ସେହି ଗାଁର ଏକାକୀ ମହିଳା ମିତା ପ୍ରଧାନ । ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆକ୍ସନଏଡ୍ ସହାୟତାରେ ସେ ନିର୍ଭରଶୀଳ ହୋଇ ହୋଇପାରିଛନ୍ତି ଜଣେ ସଫଳ ଚାଷି ଅନୁଷ୍ଠାନ ତରଫରୁ ତାଙ୍କୁ ପ୍ରଦାନ କରାଯାଇଥିଲା ୫ ହଜାର ଟଙ୍କା ସେଥିରୁ ସେ ତାଙ୍କ ଜମିରେ ଆରମ୍ଭ କରିଛନ୍ତି ବନ୍ଧାକୋବି ଓ ବାଦାମ ଚାଷ ସେଥିରେ ସେ ବର୍ତ୍ତମାନ ଅଂଚଳର ଜଣେ ସଫଳ ଚାଷି ସାଜିଛନ୍ତି । ୨୦୧୮ ମସିହାରେ କୌଣସି କାରଣ ବସତଃ ଅସୁସ୍ଥ ହେବାପରେ ସ୍ୱାମୀ ମିଳନ ପ୍ରଧାନଙ୍କ ଦେହାନ୍ତ ହେବାପରେ ୨ ବର୍ଷ ଏବଂ ୫ ବର୍ଷର ଦୁଇଟି କନ୍ୟା ସନ୍ତାନକୁ ନେଇ କିପରି ଚଳିବେ ତାହା ତାଙ୍କ ପାଇଁ ହୋଇଥିଲା ଏକ ବଡ ଆହ୍ୱାନ କିପରି ପରିବାର ପୋଷଣ କରିବେ ଏବଂ ତାଙ୍କର ଝିଅମାନଙ୍କୁ କିପରି ବଡ କରିବେ ତାହା ସାଜିଥିଲା ବଡ ଚିନ୍ତ । ବର୍ତ୍ତମାନ ତାଙ୍କ ପାଖରେ ଥିବା ପ୍ରାୟ ୩ ଏକରରୁ ଅଧିକ ଚାଷ ଜମିରେ କରିଛନ୍ତି ସେ ବନ୍ଧାକୋବି ,ବାଦାମ ଓ ବିଭିନ୍ନ ପନିପରିବା ଚାଷ ଏବଂ ସେଥିରେ ତାଙ୍କର ପରିବାରର ଅର୍ଥିକ ଉନ୍ନତି ହେବାସହିତ ସେ ମଧ୍ୟ ଜଣେ ଏକାକି ଆତ୍ମନିର୍ଭରଶୀଳ ମହିଳା ହୋଇ ତାଙ୍କପରି ଏକାକୀ ମହିଳା ମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି । ତେବେ ତାଙ୍କ ଭଳି ଦାରିଙ୍ଗବାଡି ଅଂଚଳରେ ଥିବା ଆଉ ୧୧ ଜଣ ଏକାକୀ ମହିଳାଙ୍କୁ ଆକ୍ସନଏଡ ତରଫରୁ ୫ ହାଜର ଟଙ୍କା ଲେଖାଏଁ ପ୍ରାଦାନ କରାଯିବାସହିତ ସେମାନଙ୍କୁ ସେମାନଙ୍କର ଇଛା ଓ ସୁବିଧା ଅନୁସାରେ ଛେଳିଚାଷ, ପନିପରିବା ଚାଷ,ମାଣ୍ଡିଆ ଚାଷ ଏବଂ ସିଆଳି ଖଲି ତିଆରି କରିବା ଭଳି ବିଭିନ୍ନ ଆତ୍ମନିର୍ଭରଶୀଳ କାମ କରି ସ୍ୱାଲମ୍ବୀ ହୋଇପାରିଛନ୍ତି । ଦାରିଙ୍ଗବାଡି ସମେତ କନ୍ଧମାଳ ଜିଲ୍ଲାରେ ଆକ୍ସନଏଡ ତରଫରୁ ଫୁଲବାଣୀ, ତୁମୁଡିବନ୍ଧ ଓ ଘୁ.ଉଦୟଗିରି ଅଂଚଳରେ ଏହିପରି ୩୧ ଜଣ ମହିଳାଙ୍କୁ ସାମାନ୍ୟ ଅର୍ଥିକ ସହାୟତା ଯୋଗାଇ ଦେବାସହିତ ସେମାନଙ୍କୁ ତାଙ୍କର ସୁବିଧା ଅନୁସାରେ କାମକରି ସେମାନଙ୍କୁ ମଧ୍ୟ ଆତ୍ମନିର୍ଭରଶୀଳ କରିବା ପାଇଁ ଉଦ୍ୟମ କରାଯାଇଛି । ସେମାନେ ମଧ୍ୟ ସେମାନଙ୍କର ପ୍ରଚେଷ୍ଟାରେ ବିଭିନ୍ନ କାର୍ଯ୍ୟ ମାଧ୍ୟମରେ ସେମାନଙ୍କ ପରିବାରର ଆର୍ଥିକ ଅଭିବୃଦ୍ଧି କରିବାରେ ଲାଗିଛନ୍ତି ବୋଲି ଦାରିଙ୍ଗବାଡି ଅଂଚଳରେ କାର୍ଯ୍ୟରତ ଆକ୍ସନଏଡର ଧନେଶ୍ୱର ସାହୁ କହିଛନ୍ତି ।

# ଆର୍ଯ୍ୟସମାଜ ଆନ୍ଦୋଳନର ମୁଖ୍ୟ ପୃଷ୍ଠପୋଷକ ସ୍ୱାମୀ ଅଗ୍ନିବେଶଙ୍କ ରାଜ୍ୟସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭା

ଭୁବନେଶ୍ୱର, (ପିଏନ)- ବିଶିଷ୍ଟ ସାମାଜିକ କାର୍ଯ୍ୟକର୍ତ୍ତା, ଆର୍ଯ୍ୟସମାଜ ଆନ୍ଦୋଳନର ମୁଖ୍ୟ ପୃଷ୍ଠପୋଷକ, ସଂସ୍କାରବାଦୀ ସନ୍ନ୍ୟାସୀ ସ୍ୱାମୀ ଅଗ୍ନିବେଶଙ୍କ ଉଦ୍ଦେଶ୍ୟରେ ଆର୍ଯ୍ୟସମାଜ, ଓଡ଼ିଶା ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଜୁମ୍ ଭିଡ଼ିଓ ଯୋଗେ ସଭାପତି ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ବେଦମନ୍ତ୍ର ପାଠ କରିବା ପରେ ଶ୍ରଦ୍ଧାଞ୍ଜଳି ଜଣାଇ ଦିବ୍ୟଜୀବନ ସଂଘର ସନ୍ନ୍ୟାସୀ ସ୍ୱାମୀ ଜଗନ୍ନାଥାନନ୍ଦ ମହାରାଜ କହିଲେ ଯେ, ମହର୍ଷି ଦୟାନନ୍ଦଙ୍କର ସଚ୍ଚା ଶିଷ୍ୟ ଥିଲେ ସ୍ୱାମୀ ଅଗ୍ନିବେଶ, ତାଙ୍କର ସଂଗ୍ରାମ ଥିଲା ସାଲିସ ବିହୀନ । ସେ ପ୍ରକୃତରେ ଥିଲେ ସାମାଜିକ କ୍ରାନ୍ତିର ଜଣେ ବାର୍ତାବହ । ବିଶିଷ୍ଟ ଶିକ୍ଷାବିତ୍ ଡଃ ପ୍ରଫେସର ହରେକୃଷ୍ଣ ଶତପଥି କହିଲେ ଯେ, ସ୍ୱାମିଜୀ ଅଗ୍ନିବେଶ ନାମକୁ ସାର୍ଥକ କରିଥିଲେ । ତାଙ୍କର ବକ୍ତବ୍ୟରେ ଅଗ୍ନିସ୍ଫୁଲିଙ୍ଗ ସୃଷ୍ଟି କରୁଥିଲା । ଶିକ୍ଷାବିତ୍ ଡଃ ବଦ୍ରୀନାଥ ପଟ୍ଟନାୟକ ଶ୍ରଦ୍ଧାଞ୍ଜଳି ଜଣାଇ କହିଲେ ଯେ, ସେ ଥିଲେ ଗୋଡିଶ୍ରମିକମାନଙ୍କର ତ୍ରାଣକର୍ତା । ସମାଜବାଦୀ ପାର୍ଟିର ସଭାପତି ରବି ବେହେରା କହିଲେ ଯେ, ଆମେ ଗର୍ବିତ ଯେ, ସେ ଓଡ଼ିଶାରେ ଜନ୍ମ ହୋଇଥିଲେ । ବରିଷ୍ଠ କଂଗ୍ରେସ ନେତା ଅଧ୍ୟାପକ କୈଳାସ ଆର୍ଯ୍ୟ କହିଲେ ଯେ, ସ୍ୱାମିଜୀ ମରିନାହାଁନ୍ତି, ସ୍ୱାମିଜୀଙ୍କୁ ଗୋଟିଏ ନିର୍ଦ୍ଦିଷ୍ଟ ଦଳର ଗୁଣ୍ଡାମାନେ ମାରିଦେଲେ । ଘାତକମାନେ ସରକାରୀ ପୃଷ୍ଠପୋଷକତାରେ ଏବେବି ବୁଲୁଛନ୍ତି । ଡ଼ି.ଏ.ଭି.ର ବରିଷ୍ଠ କାର୍ଯ୍ୟକର୍ତା ଡଃ ହିମାଂଶୁ ମହାନ୍ତି କହିଲେ ଯେ, ଓଡ଼ିଶାର ପ୍ରତ୍ୟେକଟି ସମସ୍ୟା ସହିତ ନିଜକୁ ସାମିଲ୍ କରିଥିଲେ । ସେ ପୋସ୍କୋ ହେଉ ବା ମହାନଦୀ ବଂଚାଓ ହେଉ । ମା'ଘରର ପ୍ରତିଷ୍ଠାତ୍ରୀ ସଭାନେତ୍ରୀ ରତୁପର୍ଣ୍ଣା ମହାନ୍ତି ଶ୍ରଦ୍ଧାଞ୍ଜଳି ଜଣାଇ କହିଲେ ଯେ, ସମାଜର ପଛୁଆବର୍ଗ, ବିଶେଷ ଭାବେ ଶୋଷିତଶ୍ରେଣୀ, ମହିଳାମାନଙ୍କୁ ସମାଜର ଆଗଧାଡ଼ିକୁ ଆଣିବାକୁ ତାଙ୍କର ସଂଗ୍ରାମ ଥିଲା ସାଲିସ ବିହୀନ ।ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କୁଳପତି ଡଃ ବିମଳେନ୍ଦୁ ମହାନ୍ତି, ମହାବୋଧି ସମିତିର ଟ୍ରଷ୍ଟି ଡଃ ସୌରେନ୍ଦ୍ର ମହାପାତ୍ର, ମହର୍ଷି ଦୟାନନ୍ଦ ମିଶନ ଅଧକ୍ଷ ଡଃ ବିକାଶ ପଣ୍ଡା, ଇଂ ଗୋପିନାଥ ପଟ୍ଟନାୟକ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । କାର୍ଯ୍ୟକ୍ରମକୁ ଡଃ ବଦ୍ରୀନାଥ ପଟ୍ଟନାୟକ ପରିଚାଳନା କରିଥିଲେ । ଶେଷରେ ଯୁବ ଆର୍ଯ୍ୟସମାଜ, ଓଡ଼ିଶାର ଅଧକ୍ଷ ପ୍ରବୀର ଆର୍ଯ୍ୟ ଧନ୍ୟବାଦ ଦେଇଥିଲେ ।

# ବିକ୍ରି ପାଇଁ ଦୋକାନ ରେ ରଖିଥିବା ପେଟ୍ରୋଲରୁ ନିଆଁ ଲାଗି ଦୋକାନ ଧୂଳିସାତ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ପୋଟ୍ରେଲ ଛକ ଠାରେ ଥିବା ରାଜୁ ପାଙ୍ଗୀଙ୍କ ଦୋକାନରେ ନିଆଁ ଲାଗି ଦୋକାନଟି ସମ୍ପୂର୍ଣ ପୋଡି ଧୂଳିସାତ ହୋଇଯାଇଛି । ଦୋକାନ ରେ ଥିବା ପ୍ରାୟ ୭୦ ହଜାର ଟଙ୍କାର ଦୋକାନ ସାମଗ୍ରୀ ସହିତ ବହୁ ଆସବା ପତ୍ରପୋଡି ପାଉଁଶ ହୋଇଯାଇଛି ।ସ୍ଥାନୀୟ ଲୋକମାନେ ନିଆଁକୁ ଆୟତ କରିବାକୁ ଉଦ୍ୟମ କରିଥିଲେ ହେଲେ ନ ପାରିବାରୁ ଏ ସମ୍ପର୍କରେ କୋରୁକୋଣ୍ଡା ଅଗ୍ନିଶମ ବିଭାଗ କୁ ଖବର ଦେଇଥିଲେ !ଅଗ୍ନିଶମ କର୍ମଚାରୀମାନେ ଘଟଣା ସ୍ଥଳରେ ପହଂଚି ଦୀର୍ଘ ସମୟ ଧରି ସଂଘର୍ଷ କରିବାପରେ ନିଆଁକୁ ଆୟତଉ କରିବାରେ ସଫଳ ହୋଇଥିଲେ ।ମିଳିଥିବା ସୂଚନା ଅନୁଯାୟୀ ଦୋକାନରେ ବିକ୍ରୀ କରିବା ନିମନ୍ତେ ଏକ ପ୍ଲାଷ୍ଟିକ ଜାରକିନ ରେ ପ୍ରାୟ ୬୦ ଲିଟର ପେଟ୍ରୋଲ ରଖିଥିଲେ ତେବେ କୋଣସି କାରଣରୁ ଜାରକିନ ରେ ନିଆଁ ଲାଗିଯାଇଥିଲା । ଫଳରେ ପେଟ୍ରୋଲର ନିଆଁ ଉଗ୍ରରୂପ ନେବା ସହ ସମଗ୍ର ଦୋକାନ କୁ ପୋଡି ଜାଳି ଦେଲା ।ଏହି ଅଗ୍ନିକାଣ୍ଡରେ ଲୋକଙ୍କ କିଛି କ୍ଷତି ହୋଇନାହିଁ । ଜିଲ୍ଲାର ବିଭିନ୍ନ ଅଂଚଳରେ ଅନେକ ପେଟ୍ରୋଲ ଟାଙ୍କି ରହିଛି । ହେଲେବି ଜିଲ୍ଲାର ବିଭିନ୍ନ ଅଂଚଳରେ କିଛି ଅସାଧୁ ବ୍ୟବସାୟୀ ନିଜ ନିଜର ଦୋକାନ ସମ୍ମୁଖରେ ବେଆଇନ ଭାବେ ପେଟ୍ରୋଲ ଓ ଡିଜେଲ ଖୋଲା ଖୋଲି ବିକ୍ରି କରୁଛନ୍ତି । ପୋଲିସ କିମ୍ବା ଜିଲ୍ଲା ଯୋଗାଣ ବିଭାଗର ଅଧିକାରୀ ମାନେ ନିରବ ଦ୍ରଷ୍ଟା ସାଜିଛନ୍ତି । ବେଆଇନ ଭାବେ ପେଟ୍ରୋଲ ଓ ଡିଜେଲ ବିକୁଥିବା ବ୍ୟବସାୟୀ ମାନଙ୍କ ବିରୁଦ୍ଧରେ କୌଣସି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଯୋଗୁଁ ଏଭଳି ଅଗ୍ନିକାଣ୍ଡ ଘଟୁଥିବା ଅଂଚଳ ବାସୀ ଅଭିଯୋଗ କରିଛନ୍ତି ।ତେବେ ଯୋଗାଣ ବିଭାଗର ଅଧିକାରୀ ଓ ପୋଲିସ ପ୍ରଶାସନ ପକ୍ଷରୁ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଜିଲ୍ଲାବାସୀ ଦାବୀ କରିଛନ୍ତି !

### ୨ କୋଭିଡ୍ ସନ୍ଦିଗ୍ଧଙ୍କ ଶବ ସଂସ୍କାର ପାଇଁ ସହାୟତା କଲା ଟିମ ହ୍ୟୁମେନିଟି

# ପୋଲିସ, ପ୍ରଶାସନ ଓ ପୌରନିର୍ବାହୀ ଅଧିକାରଙ୍କ ଉପସ୍ଥିତିରେ ହେଲା ସମ୍ପର୍ଣ୍ଣ

କନ୍ଧମାଳ,(ପିଏନ)-୨ କୋଭିଡ୍ ସନ୍ଦିଗ୍ଧଙ୍କର ଫୁଲବାଣୀ ଡାକ୍ତରଖାନାରେ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ହୋଇଥିଲା । ସେମାନଙ୍କ ମଧ୍ୟରୁ ଫୁଲବାଣୀ ଗଣେଷ ବଜାରର ଜଣେ ୭୫ ବର୍ଷିୟ ପୁରୁଷ ହୋଇଥିବାବେଳେ ଆଉ ଜଣେ ଅମଲାପଡା ଅଂଚଳର ଜଣେ ୮୦ ବର୍ଷର ମହିଳା ଅଟନ୍ତି । ତେବେ ସେମାନଙ୍କର ଶବ ସଂସ୍କାର ପାଇଁ ତାଙ୍କ ଆଖପାଖ ଅଂଚଳର କେହି ନଆସିବାରୁ କନ୍ଧମାଳ ଟିମ ହ୍ୟୁମାନିଟିଙ୍କୁ ଜିଲ୍ଲା ପ୍ରଶାସସନ ତରଫରୁ ଏହି କାର୍ଯ୍ୟରେ ସହାୟତା ପାଇଁ ଅନୁରୋଧ କରାଯାଇଥିଲା । ଏଥିରେ ଟିମ ହ୍ୟୁମାନିଟିର ସଦସ୍ୟ ମାନେ ତୁରନ୍ତ ପ୍ରସ୍ତୁତ ହେବା ସହିତ ସଦସ୍ୟ ମାନେ କୋଭିଡ ହସପିଟାଲରେ ପହଂଚିବା ସହିତ ସମସ୍ତେ ପିପିଇ କିଟ୍ ପିନ୍ଧି ସ୍ଥାନୀୟ ଏଫ୍‌ସିଆଇ ଛକ ନିକଟରେ ଥିବା ଶ୍ମସାନରେ କୋଭିଡ ନିୟମ ଅନୁସାରେ ୨ଟି ଶବ ସଂସ୍କାର କରିଥିଲେ । ସେଠାରେ ଉଭୟ ମୃତକଙ୍କ ପରିବାରର ସ୍ୱଳ୍ପ ସମ୍ପର୍କିୟଙ୍କ ସମେତ ପୋଲିସ ଜିଲ୍ଲା ପ୍ରଶାସନିକ ଅଧିକାରୀ ଫୁଲବାଣୀ ପୌରାଂଚଳର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଉପସ୍ଥିତିରେ ଏହି ଦୁଇଟି ଶବକୁ ସଂସ୍କାର କରାଯାଇଛି । ଟିମ ହ୍ୟୁମାନିଟିର ଏହି ମାନବିକତା ପୁର୍ଣ୍ଣ କାର୍ଯ୍ୟକୁ ଜିଲ୍ଲା ପ୍ରଶାସନ ସମେତ ଜିଲ୍ଲାର ବିଭିନ୍ନ ବୁଦ୍ଧୀଜୀବି ମହଲରେ ପ୍ରଶଂସା କରାଯାଇଛି । ସୁଚା ଯୋଗ୍ୟ ଟିମ ହ୍ୟୁମାନିଟି ଗତ କିଛି ଦିନ ହେଲା ଫୁଲବାଣୀ ସମେତ ସମଗ୍ର କନ୍ଧମାଳ ଜିଲ୍ଲାରେ ସଡକ ଦୁର୍ଘଟଣାର ଆହତ ମାନଙ୍କ ସହିତ ସ୍ନେକ ହେଲ୍ପଲାଇନ୍ ଜରିଆରେ ଲୋକଙ୍କ ଘରେ ପଶିଥିବା ସାପକୁ ଧରିବା ସହିତ ତାକୁ ନେଇ ସୁରକ୍ଷିତ ଭାବରେ ଜଙ୍ଗଲରେ ଛାଡିବା,ରକ୍ତଦାନ କ୍ଷେତ୍ରରେ କାର୍ଯ୍ୟ କରିବା ଭଳି ଅନ୍ୟାନ୍ୟ ସେମା ମୁଳକ କାର୍ଯ୍ୟରେ ଅସହାୟ ଲୋକଙ୍କୁ ସେବା ଦେଇ ଆସୁଛି । ତେବେ ଆଜିର ଏହି କାର୍ଯ୍ୟ ପାଇଁ ଟିମ ହ୍ୟୁମାନିଟିର ସଦସ୍ୟ ମାନଙ୍କୁ ଜିଲ୍ଲାର ସବୁ ସ୍ତରରୁ ପ୍ରଶଂସାର ସୁଅ ଛୁଟିଛି ।




# ଓଡ଼ିଶାର ମ  ନାଟକ, ସଙ୍ଗୀତ, ନୃତ୍ୟର ବିକାଶରେ କବିଚନ୍ଦ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର (ପିଏନ୍): କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ ଉଦ୍ୟମରୁ ଓଡ଼ିଶୀ ନୃତ୍ୟ ଶାସ୍ତ୍ରୀୟ ମର୍ଯ୍ୟାଦା ପାଇବା ସହ ଓଡ଼ିଶାର ରାସ, ମ  ନାଟକ, ନୃତ୍ୟ ଓ ସଙ୍ଗୀତର ସାମଗ୍ରିକ ବିକାଶ ହେବା ସହ ରାଜ୍ୟର କଳା କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଗତି ସାଧିତ ହୋଇଛି ବୋଲି ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଭୁବନେଶ୍ୱର ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପରିସରରେ କବିଚନ୍ଦ୍ରଙ୍କ ପ୍ରତିମୂର୍ତ୍ତି ସ୍ଥଳୀରେ ଆୟୋଜିତ ୪୪ତମ ଶ୍ରାଦ୍ଧୋତ୍ସବରେ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ଯୋଗଦେଇ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ଦୀପଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ଅବସରରେ ମତବ୍ୟକ୍ତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଧାୟକ ପ୍ରଫୁଲ୍ଲ ସାମଲ, ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ, ବାଙ୍କୀ-ଡମପଡ଼ା ବ୍ଲକ୍ ଅଧ୍ୟକ୍ଷ ପ୍ରଣବ କୁମାର ପଟେଲ, ଗାୟକ ଆହ୍ଲାଦ ସୁରେନ୍ଦ୍ରନାଥ ଛୋଟରାୟ, ଗାନ୍ଧିବାଦୀ ଅଧାପକ ଉପେନ୍ଦ୍ର ପାଢ଼ୀ, ଯୁବନେତା ରବି ସାମଲ, ବିକାଶ ଗିରି, ସତ୍ୟବ୍ରତ ଜେନା, ଅଧ୍ୟାପକ ରମେଶ ଚନ୍ଦ୍ର ପାତାଳସିଂହ, ଗିରିଜା ମହାପାତ୍ର ପ୍ରମୁଖ ନିଜ ବକ୍ତବ୍ୟରେ ବାଙ୍କୀ ମାଟିର ଯୋଗ୍ୟ ଦାୟାଦ କଳାକୁ ଜୀବନସାଥୀ ଭାବରେ ଗ୍ରହଣ କରି ଅବିବାହିତ ରହି ରାଜ୍ୟର କଳା, ସାହିତ୍ୟ ଓ ସଂସ୍କୃତିର ବିକାଶ ପାଇଁ କାର୍ଯ୍ୟ କରିଥିଲେ ବୋଲି ପ୍ରକାଶ କରିଥିଲେ। ଓଡ଼ିଶାର ମ  ନାଟକର ବିକାଶ ପାଇଁ ନିଜେ ନାଟକ ରଚନା କରିବା ସହ ନିର୍ଦ୍ଦେଶନା ଦେଇ ତାହାକୁ ଓଡ଼ିଶା ଥିଏଟର ମାଧ୍ୟମରେ ପରିବେଷଣ କରିଥିଲେ। ଏହାପରେ ଗଜପତିଙ୍କ ନିମନ୍ତ୍ରଣ ପାଇ ପୁରୀରେ ରାସ ଓ ନାଟକର ବିକାଶ ପାଇଁ କାର୍ଯ୍ୟ କରିଥିଲେ। ଗଜପତି ତାଙ୍କୁ କବିଚନ୍ଦ୍ର ଉପାଧିରେ ସମ୍ମାନିତ କରିଥିଲେ। ଏହାପରେ ଗଜପତିଙ୍କ ଦରବାର ଛାଡ଼ି ପୁରୀ ଓ ସାକ୍ଷୀଗୋପାଳରେ ନୃତ୍ୟଦଳ ଗଠନ କରି ସମଗ୍ର ରାଜ୍ୟରେ ନୃତ୍ୟ ପରିବେଷଣ କରୁଥିଲେ। ଓଡ଼ିଶୀ ନୃତ୍ୟକୁ ଶାସ୍ତ୍ରୀୟ ମାନ୍ୟତା ଦେବାରେ ତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଅଗଣିତ ନାଟକ, କାବ୍ୟ, କବିତା ରଚନା କରି ରାଜ୍ୟର ବାଣୀଭଣ୍ଡାରକୁ ସମୃଦ୍ଧ କରିଛନ୍ତି। 'ଭାତ' ନାଟକ ସହ 'ଶ୍ରୀଜୟଦେବ ଓ ଗୀତଗୋବିନ୍ଦ' ତାଙ୍କର ଅମୂଲ୍ୟ କୀର୍ତ୍ତି। ତାଙ୍କ ଆଦର୍ଶରେ ଯୁବକଳାକାର ଅନୁପ୍ରାଣିତ ହେଲେ ରାଜ୍ୟର କଳା ସମୃଦ୍ଧ ହୋଇପାରିବ। ଗାୟକ ଆହ୍ଲାଦ ସୁରେନ୍ଦ୍ରନାଥ ଛୋଟରାୟ ଓ ଉପେନ୍ଦ୍ର ପାଢ଼ିଙ୍କ ଜନ୍ମଦିନ ଅବସରରେ ତାଙ୍କୁ ଜନ୍ମଦିନ ଅଭିନନ୍ଦନ ଜଣାଇ ସମ୍ମାନିତ କରାଯିବା ସହ ବାଙ୍କୀବାସୀଙ୍କ ପକ୍ଷରୁ ଉପସ୍ଥିତ ସମସ୍ତ ବ୍ୟକ୍ତିବିଶେଷଙ୍କୁ ଉ  ରୀୟ ପ୍ରଦାନ କରାଯାଇଥିଲା। ଗାୟକ ଆହ୍ଲାଦ ସୁରେନ୍ଦ୍ରନାଥ ଛୋଟରାୟଙ୍କ ଲିଖିତ ପୁସ୍ତକ 'ସହଜ ପ୍ରାଣାୟମ ଓ ଯୋଗାସନ' ପୁସ୍ତକ ଉନ୍ମୋଚିତ ହୋଇଥିଲା।

# ମହାକାଳପଡ଼ା ବୃହତ ପାନୀୟ ଜଳ ପ୍ରକଳ୍ପ ସମ୍ପର୍କରେ ସମୀକ୍ଷା ବୈଠକ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡ଼ା ଜିଲ୍ଲାର ମହାକାଳପଡ଼ା ନିର୍ବାଚନମଣ୍ଡଳୀରେ ଚାଲିଥିବା ବୃହତ ପାନୀୟ ଜଳଯୋଗାଣ ପ୍ରକଳ୍ପର ଦୁଇଟି ପଏ  କରାଯାଇଛି। ଗୋଟିଏ ହେଉଛି ଦକ୍ଷିଣ ଜୋନ  ଓ ଅନ୍ୟଟି ହେଉଛି ଉ  ର ଜୋନ। ଦକ୍ଷିଣ ଜୋନଟି ମହାକାଳପଡ଼ା ବ୍ଲକରେ ରହିଥିବାବେଳେ ଉ  ର ଜୋନଟି ମାର୍ଶାଘାଇ ବ୍ଲକରେ ରହିଛି। ଦକ୍ଷିଣ ପଏ  ର କାର୍ଯ୍ୟ ପ୍ରାୟତଃ ଶେଷ ହେବା ଉପରେ। ଆସନ୍ତା ଅଗଷ୍ଟ ମାସ ୧୫ତାରିଖ ସୁଦ୍ଧା ମହାକାଳପଡ଼ା ନିର୍ବାଚନମଣ୍ଡଳୀର ଲୋକମାନଙ୍କୁ ପାନୀୟଜଳ ଯୋଗାଇଦେବା ପାଇଁ ଜିଲ୍ଲାପାଳ ଅମ୍ରିତ ଋତୁରାଜ ନିର୍ମାଣ କାର୍ଯ୍ୟ କରୁଥିବା ସଂସ୍ଥାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ପ୍ରକଳ୍ପ ସମ୍ପର୍କରେ ଏକ ସମୀକ୍ଷା ବୈଠକରେ ଯୋଗଦେଇ ଜିଲ୍ଲାପାଳ ନିର୍ମାଣକାରୀ ସଂସ୍ଥାକୁ ଏଭଳି ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାପାଳ କହିଥିଲେ ଏହି ପ୍ରକଳ୍ପ ଦ୍ୱାରା ୫୫ ହଜାର ଲୋକଙ୍କ ଘରେ ପାଇପ ଯୋଗେ ପାନୀୟ ଜଳ ପହ  ିବ। ଯାହା ଫଳରେ ଲୋକଙ୍କ ପାନୀୟ ଜଳ ସମସ୍ୟା ଦୂର ହୋଇପାରିବ। ଦକ୍ଷିଣ ଜୋନର କାର୍ଯ୍ୟ ତୁରନ୍ତ ସାରି ଲୋକଙ୍କୁ ପାନୀୟ ଜଳ ପ୍ରଦାନ କରିବା ପାଇଁ ଜିଲ୍ଲାପାଳ କହିଥିବା ବେଳେ ଉ  ର ଜୋନକୁ ମଧ ନିର୍ଦ୍ଧାରିତ ସମୟ ମଧ୍ୟରେ ସାରିବା ପାଇଁ ସେ କହିଥିଲେ। ଏହି ସମୀକ୍ଷା ବୈଠକରେ ବିଭାଗୀୟ ଯନ୍ତ୍ରୀ ଓ ଜିଲ୍ଲା ପ୍ରଶାସନର ଅଧିକାରୀମାନେ ଉପସ୍ଥିତ ଥିଲେ। ସୂଚନା ଥାଉକି ଏହି ପ୍ରକଳ୍ପ ହେବା ଦ୍ୱାରା ମହାକାଳପଡ଼ା ବ୍ଲକର ୨୬ଟି ପ  ାୟତ ଓ ମାର୍ଶାଘାଇ ବ୍ଲକର ୧୧ଟି ପ  ାୟତର ଲୋକେ ପାନୀୟ ଜଳ ପାଇପ ଯୋଗେ ପାଇପାରିବେ। ଫଳରେ ଗ୍ରୀଷ୍ମଋତୁରେ ଜଳକଷ୍ଟର ସମ୍ମୁଖୀନ ହେଉଥିବା ଏହି ପ  ାୟତଗୁଡିକର ଲୋକମାନଙ୍କ ପାନୀୟଜଳ ସମସ୍ୟା ରହିବ ନାହିଁ। ଦକ୍ଷିଣ ଜୋନ କାର୍ଯ୍ୟକ୍ଷମ ହେଲେ ମାର୍ଶାଘାଇ ବ୍ଲକର ୩ଟି ପ  ାୟତ ଓ ମହାକାଳପଡ଼ା ବ୍ଲକର ୯ଟି ପ  ାୟତର ଲୋକମାନେ ଉପକୃତ ହୋଇପାରିବେ।

# ସ୍କାଉଟସ୍ ଗାଇଡସ୍‌ର ୧୪୨ତମ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ



ଭୁବନେଶ୍ୱର (ପିଏନ୍): ଓଡ଼ିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ସଂସ୍ଥାର ୧୪୨ତମ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ତା୩୦.୦୭.୨୦୨୨ରିଖ ଅପରାହ୍ନ ୩ଘଟିକା ସମୟରେ ଅନଲାଇନ୍ ମାଧ୍ୟମରେ ଆୟୋଜିତ ହୋଇଥିଲା । ରାଜ୍ୟ ମୁଖ୍ୟ କମିଶନର ଡଃ. କାଳି ପ୍ରସାଦ ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଉକ୍ତ ବୈଠକରେ ରାଜ୍ୟ ସମ୍ପାଦକ ଶ୍ରୀ ଶରତ ଚନ୍ଦ୍ର ପାଇକରାୟଙ୍କ ସ୍ୱାଗତ ଅଭିଭାଷଣ ପରେ ଓଡିଶାର ବିଭିନ୍ନ ଜିଲ୍ଲାର ଦିବଂଗତ ସ୍କାଉଟ୍ ଗାଇଡ୍‌ର ସଭ୍ୟସଭ୍ୟାମାନଙ୍କର ଆତ୍ମାର ସଦ୍‌ଗତି ନିମନ୍ତେ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ବିଗତ ବର୍ଷରେ ରାଜ୍ୟ ସଂସ୍ଥା ଦ୍ୱାରା କରାଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମଗୁଡ଼ିକର ସମୀକ୍ଷା କରାଯିବା ସଂଗେ ସଂଗେ ଆଗାମୀ ବର୍ଷରେ ହେବାକୁ ଥିବା କାର୍ଯ୍ୟକ୍ରମ ଗୁଡ଼ିକର ଆଲୋଚନା କରାଯାଇ ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା। ଏତଦ୍‌ବ୍ୟତୀତ ବିଗତ ବର୍ଷର ଆୟବ୍ୟୟ ସମୀକ୍ଷା କରାଯାଇ ଆଗାମୀ ବର୍ଷର ଆର୍ଥିକ ଖର୍ଚ୍ଚ ଅଟକଳ କମିଟି ଦ୍ୱାରା ଅନୁମୋଦନ ଲାଭ କରିଥିଲା। ଜାତୀୟ ତଥା ଅନ୍ତର୍ଜାତୀୟ ସଂଗଠନ ଦ୍ୱାରା ଯୁବପୀଢ଼ିମାନଙ୍କ ପାଇଁ ପ୍ରାୟୋଜିତ ବିଭିନ୍ନ କାର୍ଯ୍ୟକ୍ରମ ଯଥା: Sustainable Development Goal, ସ୍ୱଚ୍ଛ ଭାରତ ଅଭିଯାନ, ସର୍ଫ ସ୍ମାର୍ଟ, ଫ୍ରି ବିଙ୍ଗ୍ ମିଂ, ଷ୍ଟପ୍ ଦି ଭାଇଓଲେନ୍‌ସ୍, ମେସେଞ୍ଜର ଅଫ୍ ପିସ୍ ଏବଂ ବୃକ୍ଷରୋପଣ କାର୍ଯ୍ୟକ୍ରମଗୁଡ଼ିକରେ ରାଜ୍ୟ ବିଶେଷ ସଫଳତା ପାଇଥିବାରୁ କମିଟିରେ ଆନନ୍ଦ ପ୍ରକାଶ ପାଇଥିଲା। ଭବିଷ୍ୟତରେ ଏହାକୁ ଆହୁରି ବ୍ୟାପକ କରିବା ପାଇଁ ରାଜ୍ୟ ମୁଖ୍ୟ କମିଶନର ଡଃ. ମିଶ୍ର ସଭ୍ୟମାନଙ୍କର ସହଯୋଗ କାମନା କରିଥିଲେ। ଏହି ବୈଠକରେ ବିଭିନ୍ନ ଜିଲ୍ଲାର ଜିଲ୍ଲା ଶିକ୍ଷାଧିକାରୀମାନେ ଯୋଗଦେଇଥିଲେ । ପରିଶେଷରେ ରାଜ୍ୟ କମିଶନର (ହେଡକ୍ୱାର୍ଟର) ଶ୍ରୀ ରାଧାକାନ୍ତ ଦାସ ସମସ୍ତ ସଭ୍ୟଙ୍କୁ ଧନ୍ୟବାଦ ଅର୍ପଣ କରିବା ପରେ ସଭା ଭଙ୍ଗ କରାଯାଇଥିଲା।

# କେନ୍ଦୁଝରଗଡ ରେଳଷ୍ଟେସନରୁ ଯୁବତୀ ଉଦ୍ଧାର

କେନ୍ଦୁଝର (ପିଏନ୍): ଗତ ୨୫ ତାରିଖ ରାତିରେ ଭୁବନେଶ୍ୱରରୁ କେନ୍ଦୁଝରଗଡ ଟ୍ରେନ ରେ ଆସିଥିବା ଜଣେ ଯୁବତୀଙ୍କୁ କେନ୍ଦୁଝରଗଡ ରେଳଷ୍ଟେସନରୁ ଉଦ୍ଧାର କରାଯାଇଛି। ରାତ୍ରୀ ୯ଟା ୨୫ରେ ୧୮୪୫୬ ନଂ ଫାଷ୍ଟ ପାସେଂଜର ଟ୍ରେନ କେନ୍ଦୁଝରଗଡ ରେଳଷ୍ଟେସନରେ ପହଁଚିବା ପରେ ରେଲୱେ ପୋଲିସକୁ କିଛି ଯାତ୍ରୀ ଖବର କରିଥିଲେ। ରେଲୱେ ପୋଲିସ ଯୁବତୀଙ୍କୁ ଉଦ୍ଧାର କରି କେନ୍ଦୁଝର ଟାଉନ ପୋଲିସ ସହାୟତାରେ ବଣିଆପାଟ ସ୍ଥିତ ସ୍ୱଧାର ଗୃହରେ ରଖିଛି। ଯୁବତୀ ମାନସିକ ରୋଗରେ ଆକ୍ରାନ୍ତ ଥିବା ଆଶଙ୍କା କରାଯାଉଛି। ଏଣୁ ସେ ତାର ସଠିକ୍ ଠିକଣା କହିପାରୁନାହିଁ। ସେ ହିନ୍ଦିରେ କଥାବାର୍ତ୍ତା କରୁଛି। ଯୁବତୀଙ୍କ ବୟସ ୨୫ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ତେବେ ଉକ୍ତ ଯୁବତୀ କେଉଁ ସ୍ଥାନରୁ ଆସିଛି ତାହାର ତଦନ୍ତ ପୋଲିସ କରୁଛି।

# ହାଟଡିହି ବ୍ଲକରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି

ହାଟଡିହି (ପିଏନ୍): କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକରେ ଗତ ସୋମବାର ଦିନ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ବିଡିଓ ବିଚିତ୍ରାନନ୍ଦ କରଙ୍କ ତ  ୍ୱାବଧାନରେ କେନ୍ଦୁଝର ଜିଲ୍ଲାପାଳ ଆଶିଷ ଠାକରେ ଯୋଗଦେଇ ବିଭିନ୍ନ ଅଂଚଳରୁ ଆସିଥିବା ସାଧାରଣ ଲୋକଙ୍କଠାରୁ ୧୩୦ଟି ଅଭିଯୋଗ ଗ୍ରହଣ କରିବା ପରେ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଉପସ୍ଥିତ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ । ଅଭିଯୋଗ ଶୁଣାଣିରେ ଶାଳଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ହାଟଡିହି ସ୍ୱାସ୍ଥ୍ୟକେନ୍ଦ୍ରର ଅବ୍ୟବସ୍ଥା ପ୍ରସଙ୍ଗରେ ଦୀର୍ଘ ସମୟ ଧରି ସ୍ଥାନୀୟ ଅଧିବାସୀ ଜିଲ୍ଲାପାଳଙ୍କ ସହ ଆଲୋଚନା କରିଥିଲେ । ଦୀର୍ଘଦିନ ଧରି ଡାକ୍ତର ପଦବୀ ଖାଲି ପଡିଥିବାରୁ ସମଗ୍ର ହାଟଡିହି ବ୍ଲକ ଅଂଚଳରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟୟ ହୋଇ ପଡିଛି । ସେହିପରି ହାଟଡିହି ବ୍ଲକର ବିଭିନ୍ନ ବିଦ୍ୟାଳୟରେ ଶିକ୍ଷକ ଅଭାବର ସମସ୍ୟା ଲାଗି ରହିଥିବାରୁ ଶିକ୍ଷାଦାନରେ ଅଚଳ ଅବସ୍ଥା ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଛି । ଏହି ଅବସରରେ ଜିଲ୍ଲାପାଳ ଶ୍ରୀଯୁକ୍ତ ଠାକରେ କେତେକ ଦିବ୍ୟାଙ୍ଗ ମାନଙ୍କୁ ତିନିଚକିଆ ଟ୍ରାୟ ସାଇକେଲ ବିତରଣ କରିଥିଲେ। ଏହି ଅଭିଯୋଗ ଶୁଣାଣିରେ କେନ୍ଦୁଝର ଏସ୍‌ପି ମିତ୍ରଭାନୁ ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ସୁଷମା ବିଲୁଂ, ଆନନ୍ଦପୁର ଉପଜିଲ୍ଲାପାଳ ଅନିଲ କୁମାର ସେଠୀ, ତହସିଲଦାର ଦିଲ୍ଲୀପ କୁମାର ସାହୁ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଜଗନ୍ନାଥ ମୋଦି ପ୍ରମୁଖଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀ ମାନେ ଯୋଗ ଦେଇଥିଲେ।

# ମନରେଗା ଅର୍ଥ ଆତ୍ମସାତ୍ ଘଟଣାରେ ଲୋକାୟୁକ୍ତଙ୍କ ତଦନ୍ତ ନିର୍ଦ୍ଦେଶ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ୍ ଗଙ୍ଗାଧରପୁର ପ  ାୟତ ଇମାମ୍‌ନଗର ଗାଁରେ ମନରେଗା ଅର୍ଥ ଆତ୍ମସାତ ଘଟଣାର ୨ଦିନିଆ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ଲୋକାୟୁକ୍ତ। ଆସନ୍ତା ଅଗଷ୍ଟ ୧୬ ଓ ୧୭ତାରିଖରେ ଲୋକାୟୁକ୍ତଙ୍କ ତଦନ୍ତକାରୀ ଟିମ୍ ଧର୍ମଶାଳା ବ୍ଲକ କାର୍ଯ୍ୟାଳୟ ଓ ଘଟଣାସ୍ଥଳରେ ପହ  ି ତଦନ୍ତ କରିବ। ଏଥିରେ ଧର୍ମଶାଳା ବିଡ଼ିଓ ଉପସ୍ଥିତ ରହି ସହଯୋଗ କରିବାକୁ ଲୋକାୟୁକ୍ତ ଗତ ୨୮ତାରିଖ ପତ୍ରସଂଖ୍ୟା-ଏଲ୍‌ୱାଇ-୫୮୯୨ରେ ନିର୍ଦ୍ଦେଶ ଦେଇଛନ୍ତି। ତଦନ୍ତ ସମୟରେ ବ୍ଲକ୍‌ର ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ, ପିଇଓ ଓ ଜିଆର୍‌ଏସ୍ ସହଯୋଗ କରିବେ। ସେହିପରି ଅଭିଯୋଗ ସ୍ଥାନ ସରକାରୀ ଜମି କିମ୍ବା ବ୍ୟକ୍ତିଗତ ଜମି ଏହାକୁ ମାପଚୁପ କରିବା ପାଇଁ ଏଠାକାର ରାଜସ୍ୱ ନିରୀକ୍ଷକ ଓ ଅମିନ ଉପସ୍ଥିତ ରହିବେ ବୋଲି ଉକ୍ତ ନିର୍ଦ୍ଦେଶନାମାରେ କୁହାଯାଇଛି। ଅଭିଯୋଗକାରୀ ସାରୋଇ ଗ୍ରାମର ସୂଚନା ଅଧିକାର କର୍ମୀ ସର୍ବେଶ୍ୱର ବେହୁରା ଲୋକାୟୁକ୍ତଙ୍କ ଅଦାଲତରେ ପହ  ି ନିଜ ପକ୍ଷ ରଖିବା ସହିତ ଅଭିଯୋଗ ସଂପର୍କୀତ କାଗଜପତ୍ର ଦାଖଲ କରିଥିବା ଜଣାପଡ଼ିଛି। ପ୍ରକାଶ ଯେ, ବନ୍ୟାପ୍ଲାବିତ ଇମାମ୍ ନଗର ଗାଁ ରାସ୍ତାର ଉଚ୍ଚତା ବଢ଼ାଇବା ପାଇଁ ମନରେଗା ଯୋଜନାରେ ୫୫୫ ମିଟର ରାସ୍ତା ମରାମତି ପାଇଁ ୨୦୨୦/୨୧ ଆର୍ଥିକ ବର୍ଷରେ ୫ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଥିଲା। ମାତ୍ର ଏହି ଗ୍ରାମର ଅକ୍ଷୟ କୁମାର ପାଳଙ୍କ ଘର ନିକଟରୁ ସୁନାକର ରାଉତଙ୍କ ଘର ପର୍ଯ୍ୟନ୍ତ ୨୮୦ ମିଟର ମାଟିରାସ୍ତା ମରାମତିରେ ୨ଲକ୍ଷ ୯୩ହଜାର ୯୧୦ଟଙ୍କା ଖର୍ଚ୍ଚ ହୋଇଥିଲା। ହେଲେ ଦାୟିତ୍ୱରେ ଥିବା ଠିକାଦାର ମାତ୍ର ୬୦ମିଟର ରାସ୍ତାକାମ କରି ୨୮୦ ମିଟର କାମ କରିଛନ୍ତି ବୋଲି କାଗଜପତ୍ର ପ୍ରସ୍ତୁତ କରି ୨ଲକ୍ଷ ୯୩ହଜାର ୯୧୦ଟଙ୍କା ଉଠାଇ ନେଇଥିବା ସୂଚନା ଅଧିକାର ଆଇନ ତଥ୍ୟରୁ ଜଣାପଡ଼ିଥିଲା। ତାହା ପୁଣି ବ୍ୟକ୍ତିଗତ ଜମିରେ ହୋଇଥିବା ଅଭିଯୋଗ ହୋଇଥିଲା। ଏନେଇ ସୂଚନା ଅଧିକାର କର୍ମୀ ଶ୍ରୀ ବେହୁରା ଲୋକାୟୁକ୍ତଙ୍କ ଦ୍ୱାରସ୍ଥ ହୋଇଥିଲେ। ଗତ ଜୁନ୍ ୨୨ତାରିଖରେ ଲୋକାୟୁକ୍ତଙ୍କ ଅଦାଲତରେ ୧୩୪/୨୦୨୨(ବି-୧)ନମ୍ବରରେ ଏକ ମାମଲା ରୁଜୁ ହୋଇଥିଲା। ଏଥିରେ ଧର୍ମଶାଳା ବିଡ଼ିଓ ଅରବିନ୍ଦ ବେହେରା ଓ ତତ୍କାଳୀନ ପିଇଓ ନିର୍ମଳ ଚନ୍ଦ୍ର ପଣ୍ଡାଙ୍କୁ ପକ୍ଷଭୁକ୍ତ କରାଯାଇଥିଲା। ଦାୟିତ୍ୱରେ ଥିବା ଠିକାଦାର ମନରେଗା ନିୟାମାନୁସାରେ କାମ ନକରି ବେଆଇନ ଭାବେ ଶ୍ରମିକଙ୍କ ବଦଳରେ ଟ୍ରକ୍ ଓ ମେସିନ୍ ବ୍ୟବହାର କରିଥିଲେ। ସରକାରୀ ଜମି ବଦଳରେ ବ୍ୟକ୍ତିଗତ ଜମିରେ ମନରେଗା ଅର୍ଥ ବିନିଯୋଗ ହୋଇଥିଲା। ଏଭଳି ଏକ ସଙ୍ଗୀନ୍ ଅଭିଯୋଗର ଶୁଣାଣି କରି ଲୋକାୟୁକ୍ତ ତାଙ୍କ ନିଜସ୍ୱ ତଦନ୍ତକାରୀ ଟିମ୍‌କୁ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେବା ଘଟଣା ସ୍ଥାନୀୟ ଅଂଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

# ଖରିଆବାହାଲର ରାସ୍ତା, ନାଳି ଓ ରାସ୍ତା ଆଲୋକ ସମସ୍ୟାର ସମାଧାନ ପାଇଁ କଂଗ୍ରେସର ଦାବି

ରାଉରକେଲା (ପିଏନ୍): ରାଉରକେଲା ମହାନଗର ନିଗମ ଅ'ର୍ଗତ ୫ ନମ୍ବର ୱାର୍ଡର ଖରିଆବାହାଲ ବସ୍ତି ଅ  ଳରେ କଂକ୍ରିଟ୍ ରାସ୍ତା ଓ ନାଳି ନିର୍ମାଣ ସହିତ ବସ୍ତିକୁ ଆଲୋକିତ କରିବା ପାଇଁ କଂଗ୍ରେସ ତରଫରୁ ଦାବି କରାଯାଇଛି । ଏହି ମର୍ମରେ ରାଉରକେଲା ବିଧାନସଭା କ୍ଷେତ୍ର କଂଗ୍ରେସ ନେତା ତଥା ପୂର୍ବତନ ସଭାପତି ବିରେନ ସେନାପତିଙ୍କ ନେତୃତ୍ୱରେ ବସ୍ତିର ପ୍ରତିନିଧି ଶ୍ରେଣୀର ବ୍ୟକ୍ତିମାନେ ମହାନଗର ନିଗମ କମିଶନରଙ୍କ ଅନୁପସ୍ଥିତିରେ ଉପକମିଶନର ସୁଧାଂଶୁ ଭୋଇଙ୍କୁ ସାକ୍ଷାତ କରି ଦାବିପତ୍ର ଜ୍ଞାପନ କରିଛନ୍ତି । ଏହି ବସ୍ତି ଅ  ଳରେ ୩୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଥିବା ବେଳେ ଆବଶ୍ୟକୀୟ ନାଳି ଅଭାବରୁ ବସ୍ତିବାସୀଙ୍କ ବ୍ୟବହୃତ ମଇଳା ଜଳ ଓ ବର୍ଷା ଜଳ ବାହାରକୁ ନିଷ୍କାସିତ ହୋଇନପାରି ବସ୍ତି ମଧ୍ୟରେ ଗୋଟିଏ ସ୍ଥାନରେ ଜମି ରହି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି ବୋଲି ପ୍ରତିନିଧିମାନେ ଏହି ଅବସରରେ କହିଥିଲେ । ସେହିପରି କଂକ୍ରିଟ୍ ରାସ୍ତା ନଥିବାରୁ ବସ୍ତିବାସିନ୍ଦାମାନେ ସାମାନ୍ୟ ବର୍ଷା ହେଲେ ଯାତାୟତରେ ଗୁରୁତର ବାଧା ସୃଷ୍ଟି ହେଉଛି ବୋଲି ପ୍ରକାଶ କରି ତୁର' ଏହି ରାସ୍ତା ଓ ନାଳି ନିର୍ମାଣ ପ୍ରତି କ  ୃପକ୍ଷ ଧ୍ୟାନ ଦେବାକୁ ପ୍ରତିନିଧିମାନେ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଅନୁରୂପ ଭାବେ ବସ୍ତି ପାର୍ଶ୍ୱ ରାସ୍ତାକୁ ଆଲୋକୀକରଣ କରାଯାଇଥିବା ବେଳେ ବସ୍ତି ମଧ୍ୟକୁ ବିଦ୍ୟୁତ୍ ଖୁ  ପକାଇ ଆଲୋକୀକରଣ କରାଯାଇନଥିବାରୁ ଅନ୍ଧାରରରେ ଯାତାୟତ କରୁଥିବା ବସ୍ତିବାସୀ ଗୁରୁତର ବାଧାର ସମ୍ମୁଖୀନ ହେଉଛନ୍ତି ବୋଲି କହିଥିଲେ । ତେଣୁ ଏସବୁ ସମସ୍ୟାର ଆଶୁ ସମାଧାନ ପାଇଁ ବସ୍ତିବାସୀମାନେ ଏହି ଅବସରରେ ପ୍ରଦ  ସ୍ମାରକପତ୍ରରେ ଉଲ୍ଲେଖ କରି ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ । ତେବେ ଉପକମିଶନର ଶ୍ରୀ ଭୋଇ ଖୁବ୍‌ଶୀଘ୍ର ଇନିୟରିଂ ବିଭାଗର ଅଧିକାରୀ ଉକ୍ତ ଅ  ଳ ଗସ୍ତ କରି ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରତିନିଧି ଦଳକୁ ପ୍ରତିଶ୍ରୁତି ଦେଇଥିଲେ । ଏହି ପ୍ରତିନିଧି ଦଳରେ ଶ୍ରୀ ସେନାପତିଙ୍କ ସମେତ ଉକ୍ତ ୱାର୍ଡର ବାସିନ୍ଦା ତଥା ମହିଳା କଂଗ୍ରେସ ସଭାନେତ୍ରୀ ନିରୂପମା ବଳିୟାରସିଂ, ଜିଲ୍ଲା କଂଗ୍ରେସ ସଦସ୍ୟ ମହମ୍ମଦ ମୁର, ବ୍ଲକ୍ କଂଗ୍ରେସ ସମ୍ପାଦକ ମହମ୍ମଦ ସଲ୍ଲାଉଦ୍ଦିନ ଏବଂ ମାରିଆନୁସ ଏକ୍କା ଓ ଏସ୍‌ସି ସେଲ୍ ବ୍ଲକ୍ ଅଧ୍ୟକ୍ଷ ଶ୍ୟାମ ସାଗରଙ୍କ ସହିତ ଖରିଆବାହାଲ ପ୍ରତିନିଧି ଶ୍ରେଣୀୟ ବ୍ୟକ୍ତିମାନେ ଅଂଶଗ୍ରହଣ କରିଥିଲେ ବୋଲି ଜିଲ୍ଲା ମୁଖପାତ୍ର କୈଳାସ ସାହୁ ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି ।

# ମୋର ଜୀବନ ହିଁ ମୋର ସନ୍ଦେଶ

ଗାନ୍ଧିଜୀଙ୍କ ଜୀବନ ହିଁ ଥିଲା ସମଗ୍ର ରାଜ୍ୟ ତଥା ଭାରତବର୍ଷ ପାଇଁ ଏକ ମହାନ ସନ୍ଦେଶ। ବରିଷ୍ଠ ଗାନ୍ଧିବାଦୀ ସମାଜସେବୀ ଓ ଚିକିତ୍ସକ ଡଃ. ଅଭୟ ବଙ୍ଗ ନିଜର ଏକ ଅଭିଭାଷଣରେ ଏପରି ମତ ଉପସ୍ଥାପନ କରିଥିଲେ। ତାଙ୍କ କହିବାନୁସାରେ ଆଜି ଯଦି ମହାତ୍ମାଗାନ୍ଧୀ ଜୀବିତ ଥାଆନ୍ତେ, ତେବେ ଏହି କରୋନା ମହାମାରୀରୁ ସମଗ୍ର ମାନବ ସମାଜକୁ ମୁକ୍ତିଦେବା ପାଇଁ ସର୍ବପ୍ରଥମେ ଲୋକମାନଙ୍କ ହୃଦୟରେ ବସାବାନ୍ଧି ନେଇଥିବା ଏହି କରୋନା ଭୟକୁ ଦୂର କରିବା ପାଇଁ ପଦକ୍ଷେପ ନେଇଥା'ନ୍ତେ। ସେ ଦିଲ୍ଲୀ ପରିତ୍ୟାଗ କରି ଆଉ ଏକ ଦାଣ୍ଡିଯାତ୍ରା କରି ବିସ୍ଥାପିତ ଜନତାଙ୍କ ଗହଣରେ ପହଂଚିଥା'ନ୍ତେ। ଆଜି କରୋନା ଭାଇରସ୍‌ଠାରୁ ଅଧିକ ଏହାର ଭୟ ସମଗ୍ର ସମାଜକୁ କବଳିତ କରିଛି। ସେ ନିଜର ବକ୍ତବ୍ୟରେ କହିଥିଲେ-"କରୋନା" ଯୋଗୁ ସରକାରଙ୍କର ତାଲାବନ୍ଦି ପ୍ରକ୍ରିୟା କାରଣରୁ ସହରରେ ବେରୋଜଗାର ଓ ବେକାର ସମସ୍ୟା ହେତୁ ଲୋକମାନେ ନିଜର ଭିଟାମାଟିକୁ ଫେରିବାକୁ ବାଧ୍ୟ ହେଲେ। ମାତ୍ର ଏମାନଙ୍କର ଭିଟାମାଟିକୁ ଫେରିବା ରାସ୍ତା ସରକାର ବନ୍ଦ କରିଦେଲେ। ଏଇ ପ୍ରବାସୀ ମଣିଷମାନେ ପେଟ ବିକଳରେ ହଜାର ହଜାର କିଲୋମିଟର ପଦବ୍ରଜରେ ଆସିବା ପାଇଁ ବାଧ୍ୟ ହୋଇଥିଲେ। ଯଦି ଆଜି ଗାନ୍ଧୀ ଜୀବିତ ଥା'ନ୍ତେ, ସେ ଦିଲ୍ଲୀର ଆଲିସାନ ବଙ୍ଗଳାରେ ନ ରହି ସେହି ପ୍ରବାସୀ ଭାରତୀୟଙ୍କ ବା ବିସ୍ଥାପିତଙ୍କ ଗହଣରେ ପହଂଚି ସେମାନଙ୍କର ଖାଦ୍ୟ, ପେୟ, ଔଷଧର ସୂଚାରୁ ବ୍ୟବସ୍ଥା କରିବା ସହ ନିଜ ଭିଟାମାଟିରେ ସେମାନଙ୍କ ପାଇଁ କର୍ମସଂସ୍ଥାନର ବ୍ୟବସ୍ଥା କରାଇଥା'ନ୍ତେ। ସବୁଠାରୁ ମହତ୍ୱପୂର୍ଣ୍ଣ କଥା ହେଲା ସେ ପ୍ରଥମେ ସେହି ଶ୍ରମିକମାନଙ୍କର ଆତ୍ମସମ୍ମାନ ଓ ବଂଚିବାର ଆଶା ଓ ସ୍ପୃହା ବଂଚାଇ ରଖିଥା'ନ୍ତେ।

ସେ ଏକ ହୃଦୟସ୍ପର୍ଶୀ କଥା କହିଥିଲେ, ଯାହା ଥିଲା ସେ ବିସ୍ଥାପିତ ଶ୍ରମିକଙ୍କ ପାଇଁ ଆପଣାପଣ ଦେଖାଇବା ସହ ସରକାରଙ୍କର କ୍ରୂର ବ୍ୟବହାର ବିରୁଦ୍ଧରେ ବିସ୍ଥାପିତଙ୍କ ସହ ଆଉ ଏକ ଦାଣ୍ଡିଯାତ୍ରାର ଶୁଭାରମ୍ଭ କରିଥା'ନ୍ତେ।

ଗାନ୍ଧିଜୀଙ୍କ କହିବାନୁସାରେ ପ୍ରଥମେ ନିର୍ଭୟ ହେବା ଦରକାର। ମଣିଷ ମନରେ ଭୟ ରହିଲେ ମଣିଷ ଶକ୍ତିହୀନ ହୋଇଯାଏ। ବର୍ତ୍ତମାନ ଭାଇରସ୍‌ଜନିତ ମୃତ୍ୟୁ ଆମ ସମାଜରେ ଯେତେ ନୁହେଁ, ତା'ଠାରୁ ଏହି ମହାମାରୀର ଭୟ ଓ ଏହାର ଉପଚର ନ ହେବାର ଡର ଯୋଗୁ ମଣିଷ ମରୁଛନ୍ତି। ମୃତ୍ୟୁର ଭୟ କ'ଣ ନଶ୍ୱର ଶରୀରର ମୃତ୍ୟୁ ହୋଇପାରେ ଆତ୍ମାର ନୁହେଁ। ଯେତେବେଳେ ମଣିଷର ଆତ୍ମାଜ୍ଞାନ ବଳବତର ହୋଇଯିବ ସେତେବେଳେ ମୃତ୍ୟୁର ଭୟ ରହିବନି। ଗାନ୍ଧିଜୀ ଯଦି ଆଜି ଥା'ନ୍ତେ, ସେ ନିଶ୍ଚୟ ଏହି କରୋନା ସମୟରେ କରୋନା ରୋଗୀଙ୍କର ସେବା ନିଜ ହାତରେ କରିବା ସହ ସ୍ୱଚ୍ଛତା ପ୍ରକ୍ରିୟା, ହାତ ଧୋଇବା, ଜଡିବୁଟିର ପ୍ରୟୋଗ କରିବା, ମୁଖାବରଣ ପରିଧାନ କରିବା ଇତ୍ୟାଦି ପ୍ରକ୍ରିୟାର ଗୁଣ ବିଷୟରେ ଜନସାଧାରଣଙ୍କ ଗହଣରେ ରହି ପ୍ରଚାର ପ୍ରସାର କରିଥାନ୍ତେ। ଆଜିର ଏ ରାଜନେତାଙ୍କ ପରି ଲୋକଙ୍କଠାରୁ ଗ୍ରହଣ କରାଯାଇଥିବା ଅର୍ଥକୁ ସରକାରୀ ତହବିଲରୁ ପାଣିଭଳି ବିନିର୍ବେୟ କରି ଚିତ୍ରତାରକାଙ୍କୁ ପୋଷିବା ସହ କୋଟିଏ ତିରିଶ ଲକ୍ଷ ଜନତାଙ୍କ ଜୀବନ ଦାୟିତ୍ୱ ସେମାନଙ୍କ ଉପରେ ନ୍ୟସ୍ତ କରି ନଥା'ନ୍ତେ। ତେଣୁ ତାଙ୍କ ଜୀବନ ହିଁ ଥିଲା ସମାଜ ତଥା ଜାତି ପାଇଁ ଏକ ମହାନ ସନ୍ଦେଶ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Phagyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

୨୬ତମ ପ୍ରତିଷ୍ଠା ଦିବସ ସମାରୋହ

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ

# ପର୍ଯ୍ୟବେକ୍ଷକ

Bhubaneswar Tuesday October 01 2024 ଭୁବନେଶ୍ୱର ମଙ୍ଗଳବାର, ଅକ୍ଟୋବର ୦୧,୨୦୨୪ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com 8

## ଭଦ୍ରକ ହିଂସା ଘଟଣାରେ ଆଜି ସୁଦ୍ଧା ମୋଟ ୨୨ ଗିରଫ



ଭଦ୍ରକ,(ପି.ଏନ): ବିବାଦୀୟ ପୋଷ୍ଟକୁ ନେଇ ଭଦ୍ରକରେ ଉତ୍ତେଜନା ଘଟଣାରେ ୧୬୩ ଧାରା ଜାରି ରହିଥିବା ବେଳେ ଇଣ୍ଟର୍ନେଟ ସେବା ବନ୍ଦ ରହିଛି । ପୋଲିସକୁ ଆକ୍ରମଣ ଘଟଣାରେ ଗିରଫ ଦାରି ପାଇଁ ରାତିରେ ପୋଲିସ ସାହି ସାହିରେ ପଇଁତରା ମାରୁଛି। ସକାଳେ ସଂଥିଆ ଓ ପୁରୁଣା ବଜାର ଅଂଚଳ ରେ ରାପିଡ଼ ଆକ୍ସନ ଫୋର୍ସ ଫ୍ଲାଗ ମାର୍ଚ୍ଚ କରିଛି କ୍ଷ ଫ୍ଲାଗ ମାର୍ଚ୍ଚ ରେ ପୂର୍ବାଞ୍ଚଳ ଡିଆଇଜି ସତ୍ୟଜିତ ନାୟକ, ଜିଲାପାଳ ଦିଲ୍ଲୀପ ରାଉତରାଏ, ଏସପି ବରୁଣ ଗୁଣ୍ଟୁପାଲି ସାମିଲ ହୋଇଥିଲେ । ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଉଦ୍ୟମ ଜାରି ରହିଛି ବୋଲି ଡିଆଇଜି କହିଛନ୍ତି କ୍ଷ ସେହିପରି ବିବାଦୀୟ ପୋଷ୍ଟକୁ ନେଇ ସାମିଲ ଥିବା ଯୁବକ ମାନଙ୍କ ମଧ୍ୟରୁ ଆଜି ସୁଦ୍ଧା ୨୨ଜଣଙ୍କୁ ଗିରଫ କରିଛି ପୋଲିସ୍, ଗିରଫ ଙ୍କ ମଧ୍ୟରେ ଭଦ୍ରକ ଅଞ୍ଚଳରୁ ୧୦ ଜଣ ଥିବା ବେଳେ ଧାମନଗର ଅଞ୍ଚଳରୁ ୧୨ ଜଣଙ୍କୁ ଗିରଫ କରାଯାଇଥିବା ସୂଚନା ଦେଇଛନ୍ତି ପୂର୍ବାଞ୍ଚଳ ଡିଆଇଜି ଡା ସତ୍ୟଜିତ ନାୟକ। ଏହି ଗିରଫ ସଂଖ୍ୟା ଆଗକୁ ବଢିପାରେ, ତେବେ ଜିଲ୍ଲାରେ ଇଣ୍ଟରନେଟ ବନ୍ଦ ସେବା ଅବଧି ଆହୁରି ୨୪ ଘଣ୍ଟା ବନ୍ଦ ରହିବ, ଇଣ୍ଟର୍ନେ?ଟ ପରେ ସେବା ଦେବା ନେଇ ସୂଚନା ଦେବେ ଜିଲ୍ଲା ପ୍ରଶାସନ । ତେବେ ଜିଲ୍ଲାରେ ମୋବାଇଲ ଇଣ୍ଟରନେଟ୍ ସେବା ସମ୍ପୂର୍ଣ ବନ୍ଦ ଥିବବେଳେ କେବଳ ଅତ୍ୟାବଶ୍ୟକ ସେବା କ୍ଷେତ୍ରରେ ଇଣ୍ଟରନେଟ୍ ସେବା ଯୋଗାଇ ଦିଆଯିବ। ସାମ୍ପ୍ରଦାୟିକ ଉତ୍ତେଜନା ସମ୍ପୂର୍ଣ୍ଣ ନିୟନ୍ତ୍ରଣାଧୀନ ଥିବାବେଳେ ଦୁଇ ଦିନ ହେବ ଇନଟରନେଟ ସେବା ଓ ଦୋକାନ ବଜାର ବନ୍ଦ ହେତୁ ସାଧାରଣ ଜୀବନ ଯାତ୍ରା ଦୁର୍ବିସହ ହୋଇ ପଡିଛି।ସେହିପରି ଗତ ୨୭ ତାରିଖ ରାତିରୁ ଅଦ୍ୟାବଧି ଧାମନଗର ଓ ଦୋବଲ ମୁସ୍ତଫାପୁର ଅଞ୍ଚଳରେ ୧୬୩ ଧାରା ବଳବତ୍ତର ରହିଛି ।ଧାମନଗର ସହରାଞ୍ଚଳର ବଡ଼ ବଜାର,ସାନ ବଜାର, ଚୁନୁପଡା ଛକ, ମୁଲଣାସାହି, ନ'ହଜାରକିଲ୍ଲା, ବଜାରସାହି, ମେଡିକାଲ ବଜାର ଆଦି ସ୍ଥାନରେ ଫ୍ଲାଗମାର୍ଚ୍ କରିଛନ୍ତି।ଦୁଇ ଦିନ ହେବ ଇନଟରନେଟ ସେବା,ଦୋକାନ ବଜାର ବିଶେଷ କରି ଗ୍ରୋସରୀ ଦୋକାନ, ପରିବା ଦୋକାନ ବନ୍ଦ ଯୋଗୁଁ ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କୌଣସି ଗୁଜବ କୁ ବିଶ୍ୱାସ ନକରିବାକୁ ଅନୁରୋଧ କରିଛନ୍ତି ପୂର୍ବାଞ୍ଚଳ ଡିଆଇଜି ଡା ସତ୍ୟଜିତ ନାୟକ।

## କ୍ଲଷ୍ଟର ସ୍ତରୀୟ ଶିଶୁ ସୁରଭି ମହୋତ୍ସବ ପାଳିତ

ସେମିଳିଗୁଡା:(ପି ନ ଏ) କୋରାପୁଟ ଜିଲ୍ଲା ସେମିଳିଗୁଡା ବ୍ଲକ ଅନ୍ତର୍ଗତ, ପିତାଗୁଡ଼ା ଆଶ୍ରମ ବିଦ୍ୟାଳୟ ପ୍ରାଙ୍ଗଣରେ କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି ୨୦୨୪' ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ କ୍ଲଷ୍ଟରର ୧୫ଟି ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରି ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ । ଏହି ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବା ବେଳେ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଶ୍ରୀମତୀ ସୁଜାତା ପାତ୍ର,ସି ଆର ସି ସି ରାଧା ରମଣ ପାଢ଼ୀ,ଦିଗାମ୍ବର ଜୟପୁରିଆ, ଅତିଥି ଭାବରେ ଯୋଗ ଦେଇଥିଲେ । ଏହି ମଞ୍ଚକୁ ପ୍ରଧାନ ଶିକ୍ଷକ ଗଣେଶ୍ୱର ସୁବୁଦ୍ଧି ଅତି ସୁନ୍ଦର ଭାବରେ ପରିଚ଼ାଳନା କରିଥିବା ବେଳେ ସେହିପରି ଉଦଯାପନୀ ଉତ୍ସବରେ କୃତୀ ପ୍ରତିଯୋଗୀତା ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା ଏବଂ ପ୍ରଥମ ପ୍ରତି ଯୋଗିତା ବ୍ଲକ ସ୍ତରୀୟ ଭାଗ ନେଇ ପାରିବେ,ଏହି କାର୍ଯ୍ୟକ୍ରମରେ ଏବଂ ସମସ୍ତ ସ୍କୁଲ ଶିକ୍ଷକ ଶିକ୍ଷୟିତ୍ରୀ କର୍ମଚ଼ାରି ବୃନ୍ଦ ସହ ଛାତ୍ର ଛାତ୍ରୀ ପ୍ରମୁଖ ଯୋଗ ଦେଇଥିଲେ।

## ବିନାୟକପୁର ପଞ୍ଚାୟତରେ ସେବା ମହାଯଜ୍ଞ କାର୍ଯ୍ୟ କର୍ମ ଅନୁଷ୍ଠିତ



## ସାମ୍ବାଦିକ କଲ୍ୟାଣ ଟ୍ରଷ୍ଟର ପ୍ରଥମ ବାର୍ଷିକ ଉତ୍ସବ ପାଳିତ

ପାରାଦୀପ,(ପି.ଏନ): ସାମ୍ବାଦିକ କଲ୍ୟାଣ ଟ୍ରଷ୍ଟର ପ୍ରଥମ ବାର୍ଷିକ ଉତ୍ସବ ସେପ୍ଟେମ୍ବର ୨୯ ତାରିଖ ରବିବାର ସନ୍ଧ୍ୟାରେ ଜୟଦେବ ସଦନରେ ମହା ଆଡମ୍ବରରେ ପାଳିତ ହୋଇ ଯାଇଛି। ଟ୍ରଷ୍ଟର ଅଧ୍ୟକ୍ଷ ଶ୍ରୀ ଅରୁଣ କୁମାର ଓଝାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସାମ୍ବାଦିକ ଶ୍ରୀ ଗଗନ ବିହାରୀ ସାହୁ, ପ୍ରଦୀପ୍ତ ଚୌଧୁରୀ, କାହ୍ନୁ ନନ୍ଦ ଓ ଶ୍ରୀ ମନୋଜ କୁମାର ଦାଶ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ସ୍ୱାଗତ ଭାଷଣ ଓ ଅତିଥି ପରିଚ଼ୟ ପ୍ରଦାନ କରିଥିଲେ ଟ୍ରଷ୍ଟର ସମ୍ପାଦକ ଶ୍ରୀ ପ୍ରଶାନ୍ତ କୁମାର ରାଉତ । ନିମନ୍ତ୍ରିତ ଅତିଥି ମାନେ ସାମ୍ପ୍ରତିକ ପରିସ୍ଥିତିରେ ସାମ୍ବାଦିକ ମାନଙ୍କ ଭୂମିକା ଓ ସେମାନଙ୍କ ସ୍ୱାର୍ଥ ଓ ସୁରକ୍ଷା ସମ୍ପର୍କରେ ସବିଶେଷ ଆଲୋଚ଼ନା କରିଥିଲେ। ଏହି ପରିପ୍ରେକ୍ଷୀରେ ଟ୍ରଷ୍ଟ ପକ୍ଷରୁ ପୂର୍ବରୁ ଆୟୋଜିତ ସ୍କୁଲ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ତର୍କ, ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀ ମାନଙ୍କୁ ଅତିଥି ମାନେ ପ୍ରମାଣପତ୍ର ଓ ପୁରସ୍କାର ବିତରଣ କରିଥିଲେ। ସମାଜର ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ବ୍ୟକ୍ତି ଓ ଅନୁଷ୍ଠାନ ମାନଙ୍କୁ ଉତ୍ତରୀୟ ଓ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ' ପାରାଦ୍ୱୀପ ଗୌରବ' ସମ୍ମାନ ଭାବେ ଡାକ୍ତର ପ୍ରସନ୍ନ କୁମାର ସାମଲ, ତାପସ ରଞ୍ଜନ ପତି, ଅମରେଶ ନରେଶ ସାମନ୍ତ, ସ୍ମୃତିପ୍ରଜ୍ଞା ନାୟକ ଙ୍କ ସମ୍ମାନିତ କରାଯାଇଥିଲା। ସେହିପରି 'ସମାଜ ସାଥୀ' ସମ୍ମାନ ରେ ଡାକ୍ତର ତାପସ ରଞ୍ଜନ ଶତପଥୀ,ପ୍ରମୋଦ କୁମାର କର, ସ୍ମୃତିରଞ୍ଜନ ମହାନ୍ତି, ପ୍ରଶାନ୍ତ କୁମାର ମହାରଣା, ପ୍ରଶାନ୍ତ କୁମାର ରାଉତ, ଓ 'ପ୍ରକୃତି ସାଥୀ' ଭାବେ ବାପି ଗୋଚ୍ଛାୟତ ଓ ପରିକ୍ଷୀତ ତରାଇ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେବା କ୍ଷେତ୍ରରେ ମନିଷା ଚ଼ାରିଟେବୁଲ ଟ୍ରଷ୍ଟ, ନୀଳଚ଼କ୍ର ଯୁଥ କ୍ଲବ, ସ୍ମାଇଲ ଚ଼ାରିଟେବୁଲ ଟ୍ରଷ୍ଟ, ଜଗନ୍ନାଥ ଜନକଲ୍ୟାଣ ସଂସ୍ଥା କୁ ସେବାଶ୍ରୀ ସମ୍ମାନ ରେ ସମ୍ମାନିତ କରାଯାଇଥିଲା। ଏହି ସାମ୍ବାଦିକ କଲ୍ୟାଣ ଟ୍ରଷ୍ଟ ସମସ୍ତ ସାମ୍ବାଦିକ ଙ୍କ ସୁରକ୍ଷା ଓ ସ୍ୱାର୍ଥ ପାଇଁ କାମ କରିବ ବୋଲି ଅଧ୍ୟକ୍ଷ ଅରୁଣ କୁମାର ଓଝା ପ୍ରକାଶ କରିଥିଲେ। ଏହି ଉତ୍ସବକୁ ଟ୍ରଷ୍ଟର ଉପାଧ୍ୟକ୍ଷ ଶ୍ରୀ ହରିଶ୍ଚନ୍ଦ୍ର ଲେଙ୍କା, କୋଷାଧ୍ୟକ୍ଷ ଶ୍ରୀ ସିଦ୍ଧେଶ୍ୱର ସ୍ୱାଇଁ, ସହ ସମ୍ପାଦକ ଶ୍ରୀ ଜଗନ୍ନାଥ ଶତପଥୀ , ସଂଗଠନ ସମ୍ପାଦକ ଶ୍ରୀ ଜଗବନ୍ଧୁ ସ୍ୱାଇଁ , ଟ୍ରଷ୍ଟି ପ୍ରଶାନ୍ତ କୁମାର ରାଉତ, ସତ୍ୟ ଶିବ ପରିଡ଼ା, ସୁଦର୍ଶନ ବିଶ୍ୱାଳ ପ୍ରମୁଖ ପରିଚ଼ାଳନା କରିଥିଲେ।

## ଡ୍ରେନ ର ମଇଳା ପାଣି ରେ ଉବୁଟୁବୁ କାଉଡୋଲା ଗ୍ରାମବାସୀ, କେବେ ସୁଧୁରିବ ଡ୍ରେନେଜ ବ୍ୟବସ୍ଥା



ଭବାନୀପାଟଣା,(ପି.ଏନ): କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ କାଉଡୋଲା ପଂଚାୟତ କାଉଡୋଲା ଗାଁରେ ଅନେକ ସ୍ଥାନରେ ଡ୍ରେନ ବ୍ୟବସ୍ଥା ବିପର୍ଯ୍ୟସ୍ତ । ଗାଁର ହରିଜନ ପଡ଼ା ରୁ ଜଗନ୍ନାଥ ମନ୍ଦିର ଓ ଚାରି ଛକ ରୁ ସରାବୁ ପଡ଼ା ପର୍ଯ୍ୟନ୍ତ ଡ୍ରେନ ପୋତି ହୋଇ ଥିବାରୁ ରାସ୍ତା ଉପରେ ମଇଳା ପାଣି ଭାସୁଥିବା ଦେଖିବାକୁ ମିଳୁଛି ।ଫଳରେ ଏହି ରାସ୍ତା ଦେଇ ଯାତାୟାତ କରୁଥିବା ପଥଚାରି ସମେତ ଯାନ ବାହାନ ଚଳାଚଳରେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି ଗ୍ରାମବାସୀ । ବର୍ଷା ଓ ଡ୍ରେନର ମଇଳା ପାଣି ଜମା ହେଉଥିବା ବେଳେ ଡ୍ରେନ୍ ସଫା ନଥିବାରୁ ପାଣି ନିଷ୍କାସନ ହୋଇପାରୁନାହିଁ ।ତେବେ ଡ୍ରେନର ସମସ୍ୟାକୁ ନେଇ ଅନେକ ଥର କାଉଡୋଲା ପଂଚାୟତ ସରପଂଚ ଦେବୀ ସିଂ ତାଣ୍ଡି ଓ ପଂଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଙ୍କୁ ବାରମ୍ବାର ଗ୍ରାମବାସୀ ମାନେ ଡ୍ରେନ ସଫା କରିବା ପାଇଁ ଅଭିଯୋଗ ସତ୍ତ୍ୱେ ମଧ୍ୟ ପଂଚାୟତ କର୍ତ୍ତୃପକ୍ଷ ଗ୍ରାମବାସୀ ଙ୍କ କଥାକୁ କର୍ଣ୍ଣପାତ କରୁନଥିବା ଅଭିଯୋଗ କରିଛନ୍ତି । ଏନେଇ କୋକସରା ବ୍ଲକ ଗୋଷ୍ଠି ଉନ୍ନୟନ ଅଧିକାରୀଣୀ ସ୍ନେହାପ୍ରଭା ମାଝୀ ଙ୍କ ପ୍ରତିକ୍ରିୟା ନେବାରୁ ଶୀଘ୍ର ଡ୍ରେନ ସଫା କରିବା ପାଇଁ ପିଇଓ ଓ ସରପଞ୍ଚ ଙ୍କୁ ପ୍ରଶାସନ ପକ୍ଷରୁ କୁହାଯିବ ବୋଲି କହିଛନ୍ତି। ତେବେ ଏଦିଗରେ ବ୍ଲକ ପ୍ରଶାସନ ତ୍ୱରିତ ପଦକ୍ଷେପ ନେବାକୁ ଗ୍ରାମବାସୀ ମାନେ ଦାବି କରିଛନ୍ତି।

## କୋରାପୁଟିଆ ଜନ ସୁରକ୍ଷା ସଂଘର ନୂତନ କର୍ମକର୍ତ୍ତା ଚ଼ୟନ



ସେମିଳିଗୁଡା: (ପି ନ ଏ )କୋରାପୁଟ ଜିଲ୍ଲା ସେମିଳିଗୁଡା ଅନ୍ତର୍ଗତ ଜାନିଗୁଡ଼ା ସିଂହ ବାହିନି ସଭାଗୃହ ଠାରେ ଜିଲ୍ଲା ସ୍ତରୀୟ କୋରାପୁଟିଆ ଜନ ସୁରକ୍ଷା ସଂଘ ଅନୁଷ୍ଠିତ ହୋଇଯାଇଛି ।ଉକ୍ତ କାର୍ଯ୍ୟକ୍ରମରେ ଶିକ୍ଷାର ଉନ୍ନତି, ପରିବେଶ ସୁରକ୍ଷା,ଜଳ ଜଙ୍ଗଲ ଜମି ସୁରକ୍ଷା ଦେବା ଏବଂ ଖଣି ଖନନ ବନ୍ଦ କରିବା, ଜିଲ୍ଲା ଭିର୍ତିକ ନିଯୁକ୍ତି,ବୁଡ଼ି ଅଞ୍ଚଳ ବିସ୍ଥାପିତ, ସୁନାବେଡ଼ା ହାଲ ବିସ୍ଥାପିତ,ଏନେଇ ବିଭିନ୍ନ ସଂଘର ନେତା ମାନେ ବକ୍ତବ୍ୟ ଦେଇ ମତ ଦେଇଥିଲେ। ପୁଣି କୋରାପୁଟିଆ ଜନ ସୁରକ୍ଷା ସଂଘକୁ ଦୃଢ଼ କରିବା ପାଇଁ ନୂତନ ଯୁବ ନେତୃତ୍ୱ ନେବାକୁ ସଂଘର କର୍ମକର୍ତ୍ତା ଚ଼ୟନ କରାଯାଇଥିଲା। ଏଥିରେ ସଭାପତି ଦାସି ନନ୍ଦିବାଲି,ଉପ ସଭାପତି ତିଳକ ଗୁଞ୍ଜିଆ,ତ୍ରିଲୋଚ଼ନ ମୁଦୁଲି ,ସାଧାରଣ ସମ୍ପାଦକ ଯୀଶୁ ଦାନ ଦିଶାରୀ, ସହସମ୍ପାଦକ ଆକାଶ ଖିଲ, ଭଗବାନ ଗୋଲୋରୀ ,କଷାଧ୍ୟକ୍ଷ ଧନପତି ଇଡିଙ୍ଗ,ଆଇନଜୀବୀ ଭଗବାନ ପେଟିଆ ଏବଂ ଅର୍ଜୁନ ଖିଲଙ୍କୁ ନୂତନ ଭାବେ ଚ଼ୟନ କରାଗଲା।ଏହି ବୈଠକରେ ମାଳି ପର୍ବତ ସୁରକ୍ଷା ସମିତି ସଭାପତି ବିଜୟ ଖିଲ,ମାଙ୍ଗୁଡୁ ଜାନୀ,କଡିଙ୍ଗା ମାଳି ସୁରକ୍ଷା ସମିତିର ସଦସ୍ୟ କାନୁଚରଣ କନ୍ଦପାନ,ଚିନା ମାଟି ସୁରକ୍ଷା ସମିତି,ସେତୁବନ୍ଧ ସୁରକ୍ଷା ସମିତି, ଦେଓମାଳି ପ୍ରାକୃତିକ ସୁରକ୍ଷା ସମିତି ଏହି ସବୁ ସଂଘର ସଦସ୍ୟ ଯୋଗ ଦେଇଥିବା ବେଳେ ନିରଞ୍ଜନ ଖିଲ ମଞ୍ଚ ପରିଚାଳନା କରିଥିଲେ ।




Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751<0 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray